visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.64, Bhubaneswar Thursday, April 23,2020 | ୨୩ତମ ବର୍ଷ ସଂଖ୍ୟା-୬୪ ଭୁବନେଶ୍ୱର, ଗୁରୁବାର ଅପ୍ରେଲ ୨୩,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଓଡିଶାରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ୮୩କୁ ବୃଦ୍ଧି

**ଭୁବନେଶ୍ୱର, (ପିଏନ)-** ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୧୩,୭୭୫ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସମୁଦାୟ ୮୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୩୨ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ ଡାକ୍ତରଖାନାରୁ ଫେରିଛନ୍ତି । ଜଣେ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ବୋଲି ମୁଖପାତ୍ର ସୁବ୍ରତ ବାଗଚୀ ସୂଚନା ଦେଇଛନ୍ତି ।ସେହପରି ରାଜ୍ୟରେ ବର୍ତ୍ତମାନ ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୫୦ ରହିଛି । ୧୪୫ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ଅଛନ୍ତି । ଏହା ବ୍ୟତୀତ ଗତକାଲି ମଧ୍ୟାହ୍ନ ସୁଦ୍ଧା ଭୁବନେଶ୍ୱରରେ ୪୯୭୫ ରାପିଡ୍ ଟେଷ୍ଟ କରାଯାଇଛି ।

## ଇଣ୍ଡିଆ କୋଭିଡ-୧୯ ଏମର୍ଜେନ୍ସି ରେସପନ୍ସ ଏଣ୍ଡ ହେଲଥ ସିଷ୍ଟମ ପ୍ରିପେଆର୍ଡନେସ ପ୍ୟାକେଜ

# ୧୫ ହଜାର କୋଟି ଅନୁମୋଦନ କଲା କେନ୍ଦ୍ର କ୍ୟାବିନେଟ



**ନୂଆଦିଲ୍ଲୀ, (ପିଏନ)-** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ କୋଭିଡ-୧୯ର ମୁକାବିଲା ପାଇଁ ଜରୁରିକାଳୀନ ଭିତିରେ ୧୫ ହଜାର କୋଟି ଟଙ୍କାର ଏକ ପ୍ୟାକେଜ ଅନୁମୋଦିତ ହୋଇଛି । ଏହି ମଞ୍ଜୁର ଅର୍ଥ କୋଭିଡ-୧୯ର ଜରୁରିକାଳୀନ ମୁକାବିଲା ପାଇଁ ୩ଟି ପର୍ଯ୍ୟାୟରେ ଖର୍ଚ୍ଚ ହେବ । ଜରୁରିକାଳୀନ ଭିତିରେ ୭,୭୭୪ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଅବଶିଷ୍ଟ ଅର୍ଥ ୧ରୁ ୪ ବର୍ଷ ମଧ୍ୟରେ ମିଶନମୋଡରେ ଖର୍ଚ୍ଚ କରିବାକୁ ଦିଆଯାଇଛି ।ଜରୁରିକାଳୀନ ଭିତିରେ ଖର୍ଚ୍ଚ ହେବାକୁ ଥିବା ଅର୍ଥ କୋଭିଡ-୧୯ ସଂକ୍ରମଣ ନିରୂପଣ, ଆବଶ୍ୟକ ମେଡିକାଲ ଯନ୍ତ୍ରପାତି ଓ ଔଷଧ କ୍ରୟ ଏବଂ ସଂକ୍ରମିତ ରୋଗୀମାନଙ୍କ ଉପଚାର ଦିଗରେ ଖର୍ଚ୍ଚ ହେବ । ଏହାଛଡା ଭବିଷ୍ୟତରେ ଯେପରି ଅଧିକ ରୋଗ ନହୁଏ ତଥା ଅଧିକ ପରୀକ୍ଷାଗାର ନିର୍ମାଣ, ପର୍ଯ୍ୟବେକ୍ଷଣ ଓ ଗବେଷଣା ବାବଦରେ ଖର୍ଚ୍ଚ ହେବ । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ଅର୍ଥ ଖର୍ଚ୍ଚ ହେବ । ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏଥି ସହିତ ସଂଲଗ୍ନ ଅନ୍ୟ କେତେକ ମନ୍ତ୍ରଣାଳୟ ସହ ମିଶି ନିମ୍ନ ପଦକ୍ଷେପମାନ ନେଇଛନ୍ତି ।ପ୍ୟାକେଜ ଅଧୀନରେ ମଞ୍ଜୁର ହୋଇଥିବା ଅତିରିକ୍ତ ୩ ହଜାର କୋଟି ଟଙ୍କାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଗୁଡିକରେ ଥିବା ସ୍ୱାସ୍ଥ୍ୟ ସୁବିଧାକୁ ଅଧିକ ମଜବୁତ କରାଯିବ । ଏଥିପାଇଁ ଆବଶ୍ୟକ ଉତ୍ସର୍ଗୀକୃତ କୋଭିଡ ହସ୍ପିଟାଲ, ସ୍ୱାସ୍ଥ୍ୟକେନ୍ଦ୍ର ଓ କେୟାର ସେଣ୍ଟରମାନ ନିର୍ମାଣ କରାଯିବ । ମାର୍ଗଦର୍ଶିକା ଅନୁସାରେ ଏକାନ୍ତବାସ, ସଙ୍ଗରୋଧ ଗୃହ ଓ ପରୀକ୍ଷା ଉପଚାର, ରୋଗ ବ୍ୟାପିବାକୁ ରୋକିବା, ସାମାଜିକ ଦୂରତ୍ୱ ଏବଂ ପର୍ଯ୍ୟବେକ୍ଷଣ ବାବଦରେ ଖର୍ଚ୍ଚ ହେବ ।ଏଥିପାଇଁ ହଟସ୍ପଟ ଗୁଡିକୁ ଚିହ୍ନଟ କରାଯିବା ସହିତ ଉପଯୁକ୍ତ ଆବଦ୍ଧାଂଚଳ ଜୋନକୁ ତ୍ୱରାନ୍ୱିତ କରାଯାଉଛି ।ସଂକ୍ରମଣ ନିରୂପଣ ପରୀକ୍ଷାଗାର ବ୍ୟବସ୍ଥାକୁ ସଂପ୍ରସାରିତ କରାଯିବା ସହ ଆମର ନମୂନା ପରୀକ୍ଷଣ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । କୋଭିଡ-୧୯ ପରୀକ୍ଷାକୁ ବ୍ୟାପକ କରିବା ପାଇଁ ୧୩ ଲକ୍ଷ ସଂକ୍ରମଣ ନିରୂପଣ କିଟ ଆଣିବାକୁ ଅର୍ଡର ଦିଆଯାଇଛି ।ଆଶାକର୍ମୀଙ୍କଠାରୁ ଆରମ୍ଭ କରି ସମସ୍ତ ସ୍ୱାସ୍ଥ୍ୟକର୍ମୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ, ଇନସ୍ୟୁରାନ୍ସ ସ୍କିମ ଫର ହେଲଥ ଓ୍ୱାର୍କର ଲାଇଟିଂ କୋଭିଡ-୧୯ରେ ଅନ୍ତର୍ଭୁକ୍ତ କରାଯାଇଛି । ବ୍ୟକ୍ତିଗତ ସୁରକ୍ଷା ଉପକରଣ ଏନ-୯୫ ମାସ୍କ ଏବଂ ଭେଂଟିଲେଟର, ଉପଚାର ପାଇଁ ଆବଶ୍ୟକ ଟେଷ୍ଟିଂ କିଟ ଏବଂ ଔଷଧ ପତ୍ର ଆହରଣ କରାଯାଇଛି ।ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ମଞ୍ଜୁର ଅର୍ଥର ସିଂହଭାଗ ଖର୍ଚ୍ଚ ହେଉଥିବା ବେଳେ ଜାତୀୟ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃ କରିବା ଓ ବିଶ୍ୱମାରୀ ଗବେଷଣା ଦିଗରେ ଖର୍ଚ୍ଚ ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏହାର ବିଭିନ୍ନ ସଂସ୍ଥା ଯଥା - ଜାତୀୟ ସ୍ୱାସ୍ଥ୍ୟ ମିଶନ, ସ୍ୱାସ୍ଥ୍ୟ ଗବେଷଣା ବିଭାଗ, ଆଇସିଏମଆର ଏବଂ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର, ସେଂଟ୍ରାଲ ପ୍ରୋକ୍ୟୁରମେଂଟ, ରେଳବାଇ ପ୍ରଭୃତି ଜରିଆରେ ଏହି ପ୍ୟାକେଜ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ।

## ସୋପିଆନ ଏନକାଉଣ୍ଟରରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୪ ଆତଙ୍କୀ



**ସୋପିଆନ:** ସୋପିଆନ ଜିଲ୍ଲାର ମେଲହୋରାରେ ବୁଧବାର ସକାଳେ ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଭୀଷଣ ଗୁଳି ବିନିମୟ ହୋଇଛି । ଯବାନଙ୍କ ଗୁଳିରେ ଚାରି ଆତଙ୍କବାଦୀ ନିହତ ହୋଇଛନ୍ତି । ବର୍ତ୍ତମାନ ଉଭୟ ପକ୍ଷରୁ ଗୁଳିମାଡ ବନ୍ଦ ରହିଛି । ସୁରକ୍ଷାବଳ ପକ୍ଷରୁ କ୍ଷେତ୍ରରେ ତଲାସି ଅଭିଯାନ ଜାରି ରହିଛି । ସୁରକ୍ଷାବଳ ଆତଙ୍କବାଦୀଙ୍କ ଶବ ସହିତ ଏନକାଉଂଟର ସ୍ଥଳରୁ ଅସ୍ତ୍ର ଶସ୍ତ୍ର ଓ ଗୋଳା ବାରୁଦ ଜବତ କରିଛି । ସଂପ୍ରତି ଆତଙ୍କବାଦୀଙ୍କ ଚିହ୍ନଟ ହୋଇ ପାରି ନାହିଁ ।
ବୁଧବାର ସକାଳେ ଜିଲ୍ଲାର ମେଲହୋରା ଅଂଚଳରେ ଆତଙ୍କବାଦୀ ଛପି ରହିଥିବାର ବଳିଷ୍ଠ ସୂଚନା ମିଳିବା ପରେ ସେନାର ୫୫ ରାଷ୍ଟ୍ରୀୟ ରାଇଫଲ୍ସ, ସିଆରପିଏଫ ଓ ଏସଓଜି ଟିମ ପୂରା ଅଂଚଳକୁ ଘେରାବନ୍ଦୀ କରି ତଲାସି ଅଭିଯାନ ଆରମ୍ଭ କରିଥିଲେ । ଏହି ସମୟରେ ଯବାନ ସେହି ଘରକୁ ମଧ୍ୟ ଘେରି ଯାଇଥିଲେ, ଯେଉଁଠି ଆତଙ୍କବାଦୀ ଛପି ରହିଥିଲେ । ସୁରକ୍ଷାବଳ ପାଖକୁ ଆସୁଥିବା ଦେଖି ଆତଙ୍କବାଦୀ ଗୁଳିମାଡ ଆରମ୍ଭ କରିଥିଲେ । ଏହା ପରେ ଉଭୟ ପକ୍ଷରୁ ଗୁଳି ବିନିମୟ ଆରମ୍ଭ ହୋଇ ଯାଇଥିଲା । ଏନକାଉଂଟରରେ ସେନା ଗୁଳିରେ ଚାରି ଆତଙ୍କବାଦୀ ପ୍ରାଣ ହରାଇଛନ୍ତି । ସୂତ୍ର ଅନୁଯାୟୀ ପ୍ରାଣ ହରାଇଥିବା ସମସ୍ତ ଆତଙ୍କବାଦୀ ଅଂସାର ଗଜବତ ଉଲ ହିନ୍ଦ ଆତଙ୍କୀ ସଂଗଠନ ସହ ଜଡିତ । ଅଂଚଳରେ ଅନ୍ୟ ଆତଙ୍କବାଦୀ ଛପି ରହିଥିବା ଆଶଙ୍କାରେ ସେନା ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି ।

## ସୁସ୍ଥ ହେଲେ ଭୁବନେଶ୍ୱରର ୨ କରୋନା ଆକ୍ରାନ୍ତ

**ଭୁବନେଶ୍ୱର, (ପିଏନ)-** ଚିକିତ୍ସାଧୀନ ଥିବା ରାଜ୍ୟର ଆଉ ୨ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସୁସ୍ଥ ହୋଇଥିବା ୨ ଆକ୍ରାନ୍ତ ଭୁବନେଶ୍ୱରର । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏହାସହ ରାଜ୍ୟରେ ସୁସ୍ଥ ମାନଙ୍କ ସଂଖ୍ୟା ୩୨କୁ ବୃଦ୍ଧି ପାଇଛି । ଗତକାଲି ରାଜ୍ୟର ଆଉ ୫ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିଲେ । ଭୁବନେଶ୍ୱର, ଢେଙ୍କାନାଳ, କଳାହାଣ୍ଡି, ସୁନ୍ଦରଗଡ ଓ କେନ୍ଦ୍ରାପଡାର ଜଣେ ଲେଖାଏଁ ସୁସ୍ଥ ଥିଲେ ।
ଖୋର୍ଦ୍ଧା ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ସୁସ୍ଥଙ୍କ ସଂଖ୍ୟା ୨୦ରେ ପହଂଚିଛି ।

## କରୋନା ମୁକାବିଲା ପାଇଁ ସରପଞ୍ଚମାନଙ୍କୁ ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(ପିଏନ)-** ରାଜ୍ୟରେ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟର ୬୭୯୮ପଂଚାୟତର ସରପଂଚମାନଙ୍କୁ ଦାୟିତ୍ୱର ଶପଥ ପାଠ କରାଇଛନ୍ତି । ଅନ୍ୟ ରାଜ୍ୟରୁ ଗାଁକୁ ଆସୁଥିବା ଲୋକଙ୍କୁ କ୍ୱାରେଂଟାଇନ୍ ରେ ରଖିବା ଏବଂ ସେମାନଙ୍କର ରହିବା , ଖାଇବା ଓ ଚିକିତ୍ସାର ଉଚିତ୍ ବ୍ୟବସ୍ଥା କରିବା ସହିତ ଗାଁରେ କରୋନାକୁ ପଶିବାକୁ ଦେବେ ନାହିଁ ବୋଲି ସରପଂଚମାନେ ଶପଥପାଠ କରିଥିଲେ ।
ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ , ପଂଚାୟତିରାଜ ମନ୍ତ୍ରୀ , ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଲୋକସେବା ଭବନରୁ ଏବଂ ସରପଂଚମାନେ ବ୍ଲକ୍ ସ୍ତରରୁ ଭିଡିଓ କନଫରେନ୍ସ ଜରିଆରେ ଯୋଡି ହୋଇଥିଲେ ।
ଉଲ୍ଲେଖ୍ୟଯୋଗ୍ୟ ଯେ ନିକଟରେ ମୁଖ୍ୟମନ୍ତ୍ରୀ କରୋନା ସଂକ୍ରମଣ ରୋକିବା ପାଇଁ ସରପଂଚ ମାନଙ୍କୁ ଜିଲ୍ଲାପାଳ କ୍ଷମତା ପ୍ରଦାନ କରିଥିଲେ ।
କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରପଂଚ ମାନଙ୍କ ଦକ୍ଷତା ଉପରେ ତାଙ୍କର ପୁରା ଭରସା ଅଛି । ସେମାନେ ଯଦି କରୋନା ସଂକ୍ରମଣ ରୋକିବାପାଇଁ ସରକାରଙ୍କ ପଦକ୍ଷେପକୁ କଡାକଡି ଭାବେ ଅନୁପାଳନ କରିବେ ତେବେ ଗାଁରେ କରୋନା ପଶିପାରିବ ନାହିଁ । ସରପଂଚମାନଙ୍କୁ ଭଲ କାମ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।
ଏହି ଅବସରରେ ମୁଖ୍ୟମନ୍ତ୍ରୀ କୋରାପୁଟ ସଦର ବ୍ଲକ୍ , କେନ୍ଦ୍ରାପଡା ସଦର ବ୍ଲକ୍ , ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ , ସମ୍ବଲପରର ଧାନକଉଡା ବ୍ଲକ୍ , ବରଗଡର ବର୍ଦ୍ଦୋଲ ଏବଂ ଭଦ୍ରକର ବାସୁଦେବପୁରର ବିଭିନ୍ନ ସରପଂଚମାନଙ୍କ ସହିତ ଆଲୋଚନା କରିଥିଲେ । ସରପଂଚମାନେ ସେମାନଙ୍କ ପଂଚାୟତରେ କିଭଳି ପ୍ରସ୍ତୁତି ଜାରି ରହିଛି , କ୍ୱାରେଂଟାଇନ୍ ସେଂଟର କିଭଳି ବ୍ୟବସ୍ଥା କରାଯାଇଛି ସୂଚନା ଦେଇଥିଲେ । ପଂଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ ରାଜ୍ୟରେ କରୋନାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ବାସ୍ତବ ପଦକ୍ଷେପକୁ ସବୁ ସ୍ତରରୁ ପ୍ରଶଂସା ମିଳୁଛି । ଏଥିପାଇଁ ଓଡିଶାବାସୀ ଗର୍ବିତ । ସରପଂଚ ମାନଙ୍କ ଉପରେ ମୁଖ୍ୟମନ୍ତ୍ରୀ ଆସ୍ଥା ପ୍ରକଟ କରି ସେମାନଙ୍କୁ ଜିଲ୍ଲାପାଳ କ୍ଷମତା ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଯୋଗୁଁ ବର୍ତ୍ତମାନ ଗ୍ରାମାଂଚଳରେ ସରପଂଚମାନେ ହିଁ ଆଗ ଧାଡିର ଯୋଦ୍ଧା ଭାବେ କାର୍ଯ୍ୟ କରିବେ ବୋଲି ସେ କହିଥିଲେ ।
ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଥିଲେ ଯେ କରୋନା ମୁକାବିଲାରେ ଆମେ ଏପର୍ଯ୍ୟନ୍ତ ଆଗୁଆ ଅଛୁ । ପଂଚାୟତ ଉପରେ ସରକାରଙ୍କର ଭରସା ରହିଛି ଏବଂ ସେମାନେ ସରକାରଙ୍କ ଭରସାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବେ ବୋଲି ସେ ଆଶାପ୍ରକାଶ କରିଥିଲେ ।
ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭିକେ ପାଣ୍ଡିଆନ୍ ସରପଂଚମାନଙ୍କ ସହିତ ଆଲୋଚନା କରି ଗ୍ରାମାଂଚଳରେ କରୋନା ସଂକ୍ରମଣ ରୋକିବାପାଇଁ କେତେକ ପରାମର୍ଶ ଦେଇଥିଲେ ।
ପୂର୍ବରୁ ପଂଚାୟତିରାଜ ବିଭାଗ ପ୍ରମୁଖ ସଚିବ ଡି କେ ସିଂହ ରାଜ୍ୟ ବାହାରୁ ଆସୁଥିବା ଓଡିଆମାନଙ୍କ କ୍ୱାରେଂଟାଇନ୍ ପାଇଁ କିଭଳି ବ୍ୟବସ୍ଥା କରିବାକୁ ପଡିବ ସେ ବିଷୟରେ ସୂଚନା ଦେଇଥିଲେ । ଆଗାମୀ ଦିନରେ ଓଡିଶା ବାହାରୁ ପ୍ରାୟ ୫ ଲକ୍ଷ ଓଡିଆ ନିଜ ନିଜ ଗାଁକୁ ସମ୍ଭାବନା ରହିଛି । ପ୍ରତ୍ୟେକ ସରପଂଚ ନିଜ ପଂଚାୟତକୁ ଆସିବାକୁ ଥିବା ଲୋକଙ୍କ ସମ୍ଭାବନାକୁ ଦୃଷ୍ଟିରେ ରଖି କ୍ୱାରେଂଟାଇନ୍ ର ବ୍ୟବସ୍ଥା କରିବାକୁ ପଡିବ ବୋଲି ସେ କହିଥିଲେ । ଏଥିପାଇଁ ରାଜ୍ୟ ସରକାର ଆସନ୍ତା ୨୪ ତାରିଖ ଦିନ ଏକ ପୋର୍ଟାଲ ଖୋଲିବେ ଏବଂ ସମସ୍ତ ଆସୁଥିବା ଲୋକଙ୍କ ଆତ୍ମୀୟ ଓ ପରିବାର ଯେପରି ନିଶ୍ଚିନ୍ତ ଭାବେ ଏହି ପୋର୍ଟାଲରେ ପଂଜୀକରଣ କରିବେ ତାହା ସୁନିଶ୍ଚିନ୍ତ କରିବା ହେଉଛି ସରପଂଚମାନଙ୍କ ଦାୟିତ୍ୱ । ସବୁ ପଂଚାୟତରେ ଜଣେ ଜଣେ ନୋଡା ଲ ଅଫିସର ରହିବା ସହିତ ବିଡିଓ ମାନେ ପ୍ରତ୍ୟକ ପଂଚାୟତରେ ତଦାରଖ ପାଇଁ ଏକ ପାଂଚ ଜଣିଆ ଟିମ୍ ଗଠନ କରିବାକୁ ପରାମର୍ଶ ଦେଇଥିଲେ ।
ସୂଚନାଯୋଗ୍ୟ ଯେ କ୍ୱାରେଂଟାଇନ୍ ରେ ରହୁଥିବା ଲୋକମାନଙ୍କ ଖାଇବା , ରହିବା ଓ ଚିକିତ୍ସା ଖର୍ଚ୍ଚ ମାଗଣାରେ ଯୋଗାଇ ଦିଆଯିବା ସହ କ୍ୱାରେଂଟାଇନ୍ ସରିବା ପରେ ପ୍ରୋତ୍ସାହନ ରାଶି ଆକାରରେ ୨୦୦୦ ଟଙ୍କା ଲେଖାଏଁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ ।

# ଚିକିତ୍ସକମାନଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇ ଦିଆଯିବ : ସ୍ୱରାଷ୍ଟ୍ରମନ୍ତ୍ରୀ

## ଡାକ୍ତର ଓ ଆଇଏମଏର ବରିଷ୍ଠ ପ୍ରତିନିଧିଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଆଲୋଚନା



**ନୂଆଦିଲ୍ଲୀ ,(ପିଏନ)-** ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ତର ହର୍ଷବର୍ଦ୍ଧନ ବୁଧବାର ଚିକିତ୍ସକ ଏବଂ ଭାରତୀୟ ଚିକିତ୍ସକ ସଂଘ (ଆଇଏମଏ)ର ବରିଷ୍ଠ ଅଧିକାରୀମାନଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି । ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ କରୋନା ବିରୋଧୀ ଲଢେଇରେ ଡାକ୍ତରମାନଙ୍କ ଭୂମିକାର ଉଚ୍ଚ ପ୍ରଶଂସା କରିବା ସହ ଲୋକଙ୍କୁ ନିରାପଦ ରଖିବା ପାଇଁ ସେମାନେ ଯେଉଁ ତ୍ୟାଗ ସ୍ୱୀକାର କରୁଛନ୍ତି ତାହାର ପଟାନ୍ତର ନାହିଁ ବୋଲି କହିଥିଲେ ।କରୋନା ଲଢେଇର ଏହି ପ୍ରମୁଖ ଯୋଦ୍ଧା ଚିକିତ୍ସକମାନଙ୍କ ଉପରେ ଯେଉଁ ଆକ୍ରମଣ ହେଉଛି ତାହାକୁ ଦୃଢ ହସ୍ତରେ ଦମନ କରିବା ସହ ଚିକିତ୍ସାଗତ ସବୁ ଡାକ୍ତରଙ୍କୁ ସମସ୍ତ ସୁରକ୍ଷା ଓ ନିରାପତା ଯୋଗାଇ ଦିଆଯିବ ବୋଲି ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଏନେଇ ଦୃଢ ପ୍ରତିଶ୍ରୁତି ଦେଇଥିଲେ । ସେ କହିଥିଲେ ଚିକିତ୍ସକମାନଙ୍କ ସୁରକ୍ଷା କ୍ଷେତ୍ରରେ ମୋଦୀ ସରକାର କୌଣସି ତ୍ରୁଟି ରଖିବେ ନାହିଁ ଏବଂ ଚିକିତ୍ସକ ଓ ଚିକିତ୍ସା କର୍ମଚାରୀଙ୍କ ଉପରେ ନିକଟରେ ହୋଇଥିବା ଆକ୍ରମଣ ଘଟଣା ଉପରେ ପ୍ରଧାନମନ୍ତ୍ରୀଙ୍କର ନଜର ରହିଛି ।ଏହି ଘଟଣାର ପୁନରାବୃତି ଯେପରି ନହୁଏ ସେଥି ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି । ଦେଶ ଓ ବିଶ୍ୱ ଭିତରେ ଏହି ଘଟଣାକୁ ନେଇ ଚିକିତ୍ସକମାନେ କୌଣସି ପ୍ରକାର ପ୍ରତୀକାତ୍ମକ ପ୍ରତିବାଦ ନ କରିବାକୁ ଶ୍ରୀ ଶାହ ନିବେଦନ କରିଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ତଥା କେନ୍ଦ୍ର ସରକାରଙ୍କ ତତ୍ପରତା ପରେ ଚିକିତ୍ସକମାନେ ସେମାନଙ୍କ ପ୍ରସ୍ତାବିତ ଧର୍ମଘଟକୁ ପ୍ରତ୍ୟାହାର କରିଦେଇଛନ୍ତି ।ଏହି ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ, ଗୃହ ସଚିବ, ବରିଷ୍ଠ ଚିକିତ୍ସକ ଏବଂ ନୀତି ଆୟୋଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ପ୍ରବାସୀ ଓଡିଆ ଘରକୁ ଫେରିବାକୁ ଚାହିଁଲେ ବାଧ୍ୟତାମୂଳକ ହେବ ପଞ୍ଜୀକରଣ

## ୨୪ ତାରିଖରୁ କାର୍ଯ୍ୟକ୍ଷମ ହେବ ପଂଜୀକରଣ ପୋର୍ଟାଲ

**ଭୁବନେଶ୍ୱର, (ପିଏନ)-** ରାଜ୍ୟବାହାରେ ଥିବା ଓଡିଆ ମାନେ .ଲକ୍ ଡାଉନ୍ କୋହଳ ପରେ ଓଡିଶାକୁ ଫେରିବାକୁ ଚାହିଁଲେ ସେମାନଙ୍କୁ ପଂଜୀକରଣ କରିବାକୁ ବାଧ୍ୟ । ଏଥିପାଇଁ ରାଜ୍ୟ ସରକାର ଆସନ୍ତା ୨୪ ତାରିଖ ଠାରୁ ଏକ ପୋର୍ଟାଲ ଖୋଲିବାକୁ ଯାଉଛନ୍ତି ବୋଲି ପଂଚାୟତରାଜ ବିଭାଗର ପ୍ରମୁଖ ସଚିବ ଡିକେ ସିଂହ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ଏହା ବ୍ୟତୀତ ଓଡିଶା ଫେରିବା ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିମାନେ ସିଧାସଳଖ ଘରକୁ ଫେରିପାରିବେ ନାହିଁ । ସେମାନଙ୍କ ଘର ନିକଟସ୍ଥ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସେମାନଙ୍କୁ ୧୪ ଦିନ କ୍ୱାରେଂଟାଇନ୍ ରେ ରହିବାକୁ ପଡିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଓଡିଶା ଫେରିବାକୁ ଚାହୁଁଥିବା ଓଡିଆ ଏହି ପୋର୍ଟାଲ ମାଧ୍ୟମରେ ନିଜେ କିମ୍ବା ଅନ୍ୟ କେହି ତାଙ୍କ ପାଇଁ ପଂଜୀକରଣ କରିପାରିବେ । ଏହା ବ୍ୟତୀତ ଓଡିଶାରେ ରହୁଥିବା ସେମାନଙ୍କ ଆତ୍ମୀୟ ସେମାନଙ୍କ ପାଇଁ ଫର୍ମ ପୂରଣ କରି ପଂଚାୟତ ଅଫିସରେ ଦାଖଲ କଲେ ସେଠାରେ ଥିବା ଅଧିକାରୀ ସମ୍ପୃକ୍ତ ପ୍ରବାସୀ ଓଡିଆଙ୍କ ପାଇଁ ପଂଜୀକରଣ କରିପାରିବେ ବୋଲି ସେ କହିଛନ୍ତି । ସେ କହିଛନ୍ତି, ଆଜି ସରପଂଚମାନଙ୍କୁ ନେଇ ଭିଡିଓ କନଫରେନ୍ସିଂ ଜରିଆରେ ଏକ ଐତିହାସିକ ବୈଠକ ହୋଇଥିଲା । ପ୍ରାୟ ୭ ଲକ୍ଷ ୫୦ ହଜାର ଓଡ଼ିଆ ଭାଇ-ଭଉଣୀ ବାହାର ରାଜ୍ୟରେ ଅଛନ୍ତି । ଲକ୍ ଡାଉନ ପରେ ସେମାନେ ଘରକୁ ଫେରିବା ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି । ପ୍ରଥମେ ଯେଉଁ ପ୍ରବାସୀ ଓଡ଼ିଆମାନେ ଓଡ଼ିଶାକୁ ଫେରିବାକୁ ଚାହିଁବେ, ସେମାନଙ୍କୁ ପ୍ରଥମେ ରାଜ୍ୟ ସରକାରଙ୍କ ପୋର୍ଟାଲରେ ନାମ ପଂଜୀକରଣ କରିବାକୁ ପଡ଼ିବ । ଯଦି ସେ ପଂଜୀକରଣ କରି ନ ପାରିବେ, ତାଙ୍କ ପରିବାର ଲୋକେ ପଂଜୀକରଣ କରିପାରିବେ ।ଏହି ପଂଜୀକରଣ ଏକ ଫର୍ମ ଜରିଆରେ କରିହେବ ।

## ୫ ଦିନ ଭିତରେ ପିଲାଙ୍କ ପାଖକୁ ପାଠ୍ୟପୁସ୍ତକ ପହଞ୍ଚାଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,(ପିଏନ)-** ରାଜ୍ୟର ସମସ୍ତ ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସବୁ ପିଲାଙ୍କ ନିକଟରେ ପାଠ୍ୟ ପୁସ୍ତକ ଆଗାମୀ ପାଂଚ ଦିନ ମଧ୍ୟରେ ପହଂଚାଇବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି । ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂହ ପୁନିଆ ଏହି ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ସମସ୍ତ ଜିଲ୍ଲା ପ୍ରକଳ୍ପ କୋ-ଅର୍ଡିନେଟରଙ୍କୁ ପତ୍ର ଲେଖି ସେ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହି ପତ୍ରରେ ଉଲ୍ଲେଖ ରହିଛି ଯେ ସେମାନେ ବହି ବାଂଟିବା ପୂର୍ବରୁ ଜିଲ୍ଲାପାଳଙ୍କ ଅନୁମତି ନେବେ । ଅଭିଭାବକ ମାନଙ୍କୁ ସ୍କୁଲକୁ ଡାକି କିମ୍ବା ଘରକୁ ଘର ଯାଇ ଏହି ବହି ବାଂଟିବାକୁ ପତ୍ରରେ ପରାମର୍ଶ ଦିଆ ଯାଇଛି । ବହି ବାଂଟିବା ବେଳେ ସାମାଜିକ ଦୂରତାକୁ କଡା କଡି ଭାବେ ଅବଲମ୍ବନ କରିବାକୁ ପରାମର୍ଶ ଦିଆ ଯାଇଛି । ତେବେ ହଟସ୍ପଟ ଓ କଂଟେନମେଂଟ ଜୋନରେ ବହି ନ ବାଂଟିବାକୁ ପରାମର୍ଶ ଦିଆ ଯାଇଛି ।

## ରାଜ୍ୟ ସରକାର ଆରମ୍ଭ କଲେ ହ୍ୱାଟସଆପରେ କୋଭିଡ-୧୯ ହେଲପ ଡେସ୍କ

**ଭୁବନେଶ୍ୱର, (ପିଏନ)-** କରୋନା ଭାଇରସ ସମ୍ପର୍କରେ ସଦ୍ୟତମ ସୂଚନା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହ୍ୱାଟସଆପରେ କୋଭିଡ-୧୯ ହେଲପ ଡେସ୍କ ଆରମ୍ଭ କରିଛନ୍ତି । ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହି ଟ୍ୱିଟରେ କୁହା ଯାଇଛି ଯେ ହ୍ୱାଟସଆପରେ କୋଭିଡ-୧୯ ସଂକ୍ରାନ୍ତୀୟ ସମସ୍ତ ଅପଡେଟ ପ୍ରାପ୍ତ କରିବା ପାଇଁ ୯୩୩୭୯୨୯୦୦୦ରେ ହାଇ ଲେଖି ପଠାଇଲେ ବା bi.ly/OGCovidWhatsApp ରେ କ୍ଲିକ କରିବାକୁ ପଡିବ ।
ଏହା ଦ୍ୱାରା କୋଭିଡ -୧୯ ସମ୍ପର୍କୀୟ ସଦ୍ୟତମ ଘଟଣାବଳୀ, ସୂଚନା ଓ ପରିସଂଖ୍ୟାନ ଅତି ସହଜରେ ପ୍ରାପ୍ତ କରା ଯାଇ ପାରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୱିଟ କରି କୁହା ଯାଇଛି ।

# ଆମେରିକା ଗ୍ରୀନକାର୍ଡ ଚାହୁଁଥିବା ହଜାର ହଜାର ଲୋକଙ୍କୁ ଲାଗିଲା ଝଟକା

**ଓ୍ୱାଶିଂଟନ, (ପିଏନ)-** ଆମେରିକାରେ ସ୍ଥାୟୀ ନିବାସୀ ହେବା ଏବଂ ଗ୍ରୀନକାର୍ଡ ହାସଲ କରିବାକୁ ଚାହୁଁଥିବା ହଜାର ହଜାର ସଂଖ୍ୟକ ଲୋକଙ୍କୁ ଶକ୍ତ ଝଟକା ଲାଗିଛି । ମଙ୍ଗଳବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସରେ କହିଛନ୍ତି କୋଭିଡ-୧୯ରୁ ଉତ୍ପନ୍ନ ସଙ୍କଟକୁ ଦୃଷ୍ଟିରେ ରଖି ସେ ଆମେରିକାରେ ରୋଜଗାର ପାଇଁ ଆସୁଥିବା ଲୋକଙ୍କୁ ଏବେ ଦୁଇ ମାସ ପାଇଁ ଅପେକ୍ଷା କରିବାକୁ ପଡିବ । ଆମେରିକା ପ୍ରତି ବର୍ଷ ୧୦ ଲକ୍ଷ ଗ୍ରୀନକାର୍ଡ ଦେଇଥାଏ । ଏଥିରେ ଅର୍ଦ୍ଧେକ ଲୋକ ଅସ୍ଥାୟୀ ଭିସାରେ ଚାକିରି କରି ସ୍ଥାୟୀ ନିବାସୀ ଭାବେ ଗ୍ରୀନ କାର୍ଡ ପାଇଁ ଆବେଦନ କରିଥାନ୍ତି । ଏଚ ୧ ବିରେ ଭାରତରୁ ଆସିଥିବା ପ୍ରାୟ ୮ ଲକ୍ଷ ଲୋକ ଗ୍ରୀନକାର୍ଡ ଭିସା ପାଇଁ ୨୦୦୮ରୁ ଆବେଦନ କରିଛନ୍ତି । ଏଥିରେ ଏଚ ୨ କାର୍ଯ୍ୟକ୍ରମ ଆଧାରରେ କୃଷି କ୍ଷେତ୍ର ପାଇଁ ଲୋକ ଆସିଥାନ୍ତି ଏବଂ ଗ୍ରୀନ କାର୍ଡ ପାଇଁ ମଧ୍ୟ ଆବେଦନ କରନ୍ତି ।
ଟ୍ରମ୍ପ କହିଛନ୍ତି ସେ ଏହି ସଂଦର୍ଭରେ ବୁଧବାର ସକାଳେ କାର୍ଯ୍ୟକାରୀ ଆଦେଶରେ ହସ୍ତାକ୍ଷର କରି ପାରନ୍ତି । ଏହି କାର୍ଯ୍ୟକାରୀ ଆଦେଶକୁ ହ୍ୱାଇଟ୍ ହାଉସରେ ଆଟର୍ଣ୍ଣି ଅନ୍ତିମ ରୂପ ଦେଉଛନ୍ତି, ଯଦ୍ୱାରା ଏହାକୁ କୋର୍ଟରେ ଯେମିତି ଚ୍ୟାଲେଞ୍ଜ କରାଯାଇ ପାରିବ ନାହିଁ । ଏହି ପ୍ରକ୍ରିୟାରେ ଗ୍ରୀନ କାର୍ଡ ପାଇବାକୁ ଆଶା ରଖିଥିବା ଭାରତର ହଜାର ହଜାର ଆବେଦନକାରୀଙ୍କୁ ନିରାଶ ହେବାକୁ ପଡିପାରେ । କାରଣ ସେମାନଙ୍କ ଆବେଦନ ସଂପ୍ରତି ବିଚାରଧୀନ ରହିଛି । ଏଥିରେ ଆମେରିକାରେ ପୂର୍ବରୁ ଏଚ ୧ ବି ଅସ୍ଥାୟୀ ଭିସାରେ ବର୍ଷ ବର୍ଷ ଧରି କାମ କରିଥିବା ଲୋକଙ୍କ ଗ୍ରୀନ କାର୍ଡ ଆବେଦନ ବିଚାରଧୀନ ରହିଛି । ଏହି ପ୍ରକ୍ରିୟାରେ ଅନ୍ୟ ଲୋକ ମଧ୍ୟ ଆସି ପାରନ୍ତି, ଯେଉଁମାନଙ୍କ ପିଲା ନିଜର ମାତା-ପିତା, ଭାଇ-ଭଉଣୀ କିମ୍ବା ଯୁବ ପିଲାଙ୍କ ଲାଗି ଗ୍ରୀନ କାର୍ଡ ଭିସା ପାଇଁ ଆବେଦନ କରିଛନ୍ତି । ଏହି ସବୁ ପିଲା ମାନଙ୍କ ମାତା-ପିତା ଆମେରିକାରେ ରୋଜଗାର ପାଇଁ ଆସିନଥାନ୍ତି ।
ଟ୍ରମ୍ପ ମିଡିଆ ସହ ଦୈନିକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଇମିଗ୍ରେଂଟ ଭିସା ନୀତିରେ ବିସ୍ତୃତ ଆଲୋଚନା କରି ଏକ ପ୍ରଶ୍ନର ଉତରରେ କହିଛନ୍ତି ତାଙ୍କର ଉଦ୍ଦେଶ୍ୟ ଆମେରିକୀ ନାଗରିକଙ୍କୁ ପ୍ରଥମେ ରୋଜଗାର ଦେବା । ଏଥିପାଇଁ ଆବଶ୍ୟକ ପଡିଲେ ଗ୍ରୀଡ କାର୍ଡ ଭିସାର ନିଲମ୍ବନ ଅବଧିକୁ ଆଉ ଦୁଇ ମାସ ବଢାଇ ପାରନ୍ତି । ସେ କହିଛନ୍ତି ଦୁଇ ମାସର ଅବଧି ଶେଷ ହେବା ପରେ ସେ ନିଜର ଆଟର୍ଣ୍ଣି ଓ ସହଯୋଗୀଙ୍କ ସହ ଆଲୋଚନା କରିବେ ଯେ, ଗ୍ରୀନ କାର୍ଡ ନିଲମ୍ବିତ ଅବଧିକୁ ଆଉ ବଢାଯିବ ନା ନାହିଁ । ଏହି ସଂଦର୍ଭରେ ସେ ଅଧିକ କିଛି କହିବାକୁ ମନା କରି ଦେଇଛନ୍ତି । ସେ କେବଳ ଏତିକି କହିଛନ୍ତି ଯେ, କାର୍ଯ୍ୟକାରୀ ଆଦେଶକୁ ଅନ୍ତିମ ରୂପ ଦିଆଯାଉଛି ।
ସେ କହିଛନ୍ତି ପ୍ରତିଦିନ ଶତାଧିକ ଲୋକ ଗ୍ରୀନକାର୍ଡ ପାଇବା ଇଚ୍ଛାରେ ଆମେରିକା ଆସୁଛନ୍ତି ଅଥବା ସେମାନଙ୍କର ଆବେଦନ ଉପରେ ସେମାନଙ୍କ ଦେଶରେ ସ୍ଥିତି ଆମେରିକା ଦୂତାବାସରେ ବିଚାର କରାଯାଉଛି । ମାତ୍ର ସେମାନଙ୍କୁ ଆମେରିକା ମାଟିରେ ପାଦ ଦେବା ଆଗରୁ ଜାଣି ନେବା ଉଚିତ୍ ଯେ, ଗ୍ରୀନ କାର୍ଡ ମାମଲାରେ ତାଙ୍କ ଦେଶରେ ସ୍ଥିତି କଣ ରହିଛି । ଗ୍ରୀନ କାର୍ଡ ନିଲମ୍ବିତ ଆଦେଶରେ ପ୍ରବାସୀ ଲୋକଙ୍କ ନିଲମ୍ବନ ଦ୍ୱାରା ଆମେରିକୀ ନାଗରିକଙ୍କୁ ପୂର୍ବାପେକ୍ଷା ସ୍ୱାସ୍ଥ୍ୟସେବାରେ ଅଧିକ ଲାଭ ମିଳିବ । ଏହା ସହିତ ଟ୍ରମ୍ପ ସଙ୍କେତ ଦେଇଛନ୍ତି ଯେ, ଅସ୍ଥାୟୀ ଭିସା ବିଷୟରେ କୌଣସି ପରିବର୍ତ୍ତନ କରାଯାଉନାହିଁ । ମାତ୍ର କୃଷି କ୍ଷେତ୍ର ପାଇଁ ଭିସା ଜାରି ରହିବ ।

## ଗୁଜରାଟରେ ନୂତନ ୯୪ ପଜିଟିଭ୍ ଚିହ୍ନଟ

# ସଂକ୍ରମିତ ସଂଖ୍ୟା ୨୨୭୨କୁ ବୃଦ୍ଧି

**ଅହମଦାବାଦ,(ପିଏନ)-** ଗୁଜରାଟରେ ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସକାଳ ପର୍ଯ୍ୟନ୍ତ ୯୪ ନୂତନ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହା ସହିତ ରାଜ୍ୟରେ ମୋଟ୍ କରୋନା ପଜିଟିଭ୍ ସଂଖ୍ୟା ବୃଦ୍ଧି ଘଟି ୨୨୭୨ରେ ପହଁଚିଛି । ଗତ ୧୨ ଘଂଟାରେ ଅହମଦାବାଦରେ ୬୧ ଓ ସୁରଟରେ ୧୭ କୋଭିଡ୍-୧୯ ଚିହ୍ନଟ ହୋଇଛନ୍ତି । ଏହି ପରି ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସକାଳ ସୁଦ୍ଧା ପାଂଚ ଜଣ ରୋଗୀଙ୍କ କରୋନାରେ ମୃତ୍ୟୁ ଘଟିଛି । ରାଜ୍ୟରେ ୨୦୨୦ କରୋନା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ଏବଂ ୧୩ ଜଣ ଭେଂଟିଲେଟରରେ ରଖାଯାଇଛି । ରାଜ୍ୟରେ ନୂତନ ୯୪ ସଂକ୍ରମିତଙ୍କ ମଧ୍ୟରେ ଅହମ୍ମଦାବାଦରୁ ୬୧, ବୋଟାଦରୁ ୨, ରାଜକୋଟରୁ ୧, ସୁରତଟରୁ ୧୭, ଭଦୋଦରାରୁ ୮ ଓ ଅରବଲୀରୁ ୫ ସାମିଲ । କରୋନା ସଂକ୍ରମଣ ପରେ ସାବରମତୀ ସେଂଟ୍ରାଲ ଜେଲରେ ଆଇସୋଲେସନ ଓ୍ୱାର୍ଡ ଓ ଡାକ୍ତରୀ ଦଳ ପ୍ରସ୍ତୁତ ହୋଇ ରହିଛନ୍ତି । ଗତ ୨୪ ଘଂଟାରେ ରାଜ୍ୟରେ ୨୫୧୬ ନମୂନା ପରୀକ୍ଷଣ କରାଯାଇଛି, ଏଥିରୁ ୨୦୬ ରିପୋର୍ଟ ପଜିଟିଭ୍ ଆସିଥିବା ବେଳେ ୨୩୧୦ ରିପୋର୍ଟ ନେଗେଟିଭ୍ ଆସିଛି । ଏ ପର୍ଯ୍ୟନ୍ତ ମୋଟ୍ ୩୮୦୫୯ ନମୂନା ଟେଷ୍ଟ କରାଯାଇଛି । ସେଥିରୁ ୨୨୭୨ ରିପୋର୍ଟ ପଜିଟିଭ୍ ଆସିଥିବା ବେଳେ ୩୫୭୮୭ ରିପୋର୍ଟ ନେଗେଟିଭ୍ ଆସିଛି ।ରାଜ୍ୟରେ ଅଦ୍ୟାବଧି କରୋନାରେ ୯୫ ଜଣଙ୍କ ମୃତ୍ୟୁ ଘଟି ସାରିଛି । ସବୁଠୁ ଅଧିକ କରୋନା ସଂକ୍ରମିତ ୧୪୩୪ କେସ୍ ଅହମଦାବାଦରୁ ଆସିଛି । ଏହା ପରେ ଭଦୋଦରାରୁ ୨୦୭, ସୁରଟରୁ ୩୬୪, ରାଜକୋଟରୁ ୪୧, ଭାବନଗରରୁ ୩୨, ଆଣନ୍ଦରୁ ୨୮, ଭରୁଚରୁ ୨. ଗାନ୍ଧୀନଗରରୁ ୧୭, ପାଟନରୁ ୧୫, ପଂଚମହାଲରୁ ୧୧, ବନାସାକାଂଠାରୁ ୧୫, ନର୍ମଦା ୧୨, ଛୋଟାଉଦେପୁରରୁ ୭, କଚ୍ଛରୁ ୬, ମେହସାଣାରୁ ୭, ପୋରବନ୍ଦରରୁ ୩, ଦାହୋଦରୁ ୪, ଗିର ସୋମନାଥରୁ ୩, ଖେଡାରୁ ୩, ଜାମନଗରରୁ ୧, ମୋରବିରୁ ୧, ସାବରକାଂଠାରୁ ୩, ଅରବଲିରୁ ୧୭, ମହିସାଗରରୁ ୩, ତାପିରୁ ୧, ବଲସାଡରୁ ୩ ଓ ନବସାରୀରୁ ୧ କରୋନା ରୋଗୀ ରହିଛନ୍ତି ।




# ଅକ୍ଷୟ ତୃତୀୟାରେ ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ପକ୍ଷରୁ ମୂଲ୍ୟ ସୁରକ୍ଷା ଗ୍ୟାରେଣ୍ଟିର ଶୁଭାରମ୍ଭ

ଭୁବନେଶ୍ୱର : ପୂର୍ବ ଭାରତର ସର୍ବବୃହତ ଖୁଚୁରା ଗହଣା ପ୍ରତିଷ୍ଠାନ ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ପକ୍ଷରୁ ଏହାର ସମସ୍ତ ଗ୍ରାହକଙ୍କ ପାଇଁ ଅକ୍ଷୟ ତୃତୀୟା ସେଲ୍ ବିଷୟରେ ଘୋଷଣା କରାଯାଇଛି । ଯେଉଁ ଗ୍ରାହକମାନେ ଏହି ପବିତ୍ର ଦିନରେ ଧାତବ ପଦାର୍ଥ କିଣିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ କଂପାନି ଅଭିନବ ବ୍ୟବସ୍ଥା କରିଛି । ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ର ଗ୍ରାହକମାନେ ଅନଲାଇନ୍‌ରେ www.sencogoldanddimonds.com ରେ ସୁନା କିଣି ଘରକୁ ସମୃଦ୍ଧି ଆଣି ।ରିବେ ।ଏହି ଅଫର ୨୦୨୦ ଏପ୍ରିଲ୍ ୨୨ରୁ ଆରମ୍ଭ ହୋଇ ୨୭ ପର୍ଯ୍ୟନ୍ତ ଚାଲିବ । ଗ୍ରାହକମାନେ ଯେତେବେଳେ ଅନଲାଇନ୍‌ବୁକିଙ୍ଗ୍ କରିବେ ସେହିଦିନ ମୂଲ୍ୟ ଲକ୍-ଇନ୍ ହୋଇଯିବ । ଲକ୍‌ଡାଉନ୍ ଉଠିଯିବା ପରେ ଗ୍ରାହକମାନେ ଷ୍ଟୋର୍ ପରିଦର୍ଶନ କରି ନିଜ ଗହଣା କିମ୍ବା ସୁନା ଆଣି ।ରିବେ ଅନ୍ୟଥା ତାଙ୍କ ଘରକୁ ମଧ୍ୟ ହୋମ୍ ଡେଲିଭରି ସୁବିଧା ନେଇପାରିବେ । ଯଦି ଡେଲିଭରି ସମୟ ଭିତରେ ସୁନା ଦାମ୍‌ରେ ହ୍ରାସ ଘଟିବ ତେବେ ଗ୍ରାହକମାନଙ୍କ ପାଇଁ ସେହି କମ୍ ମୂଲ୍ୟର ଦର ଲାଗୁ ହେବ । ଏହି ଅବସରରେ ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୁଭଙ୍କର ସେନ୍ କହିଛନ୍ତି ଯେ, "ଆମେ ଏକ ଅଭାବନୀୟ ସମୟ ଭିତରେ ଜୀବନଯାପନ କରୁଛେ ଏବଂ ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ରେ ଆମର ବିଶ୍ୱାସ ରହିଛି ଯେ କଠିନ ସମୟ ସର୍ବଦା ନୂତନତ୍ୱକୁ ଜନ୍ମ ଦେଇଥାଏ । ମୂଲ୍ୟ ସୁରକ୍ଷା ଗ୍ୟାରେଂଟି ଥିବା ଆମର ଅକ୍ଷୟ ତୃତୀୟା ଅଫର ହେଉଛି ଲକ୍‌ଡାଉନ୍‌ରେ ଥିବା ଗ୍ରାହକଙ୍କ ପାଇଁ ସେବା ପ୍ରଦାନ କରିବାର ଏକ ଅଭିନବ ଉପାୟ ଏବଂ ଏହି ପବିତ୍ର ସମୟରେ ଯେଭଳି ସେମାନେ ସୁନା କିଣିବା ସୁଯୋଗକୁ ହାତ ଛଡ଼ା ନକରନ୍ତି ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି । ଆମର ଗ୍ରାହକମାନେ କେବଳ ସୁନା ଦର ଓ ଗଢ଼ା ମୂଲ୍ୟ ଉପରେ ଉଲ୍ଲେଖନୀୟ ରିହାତି ପାଇବେ ତାହା ନୁହେଁ ବରଂ ନିଜ କିଣାକିଣି ବେଳେ କୋଭିଡ୍-୧୯ ରିଲିଫ୍ ପାଣ୍ଠିକୁ ଅବଦାନ ପ୍ରଦାନ କରିବାର ସୁଯୋଗ ପାଇପାରିବେ ।"

# ଆରୋହଣ ପକ୍ଷରୁ ସୁଧ ହାରରେ ପରିବର୍ତ୍ତନ

ଭୁବନେଶ୍ୱର:ଆରୋହଣ ଫାଇନାନ୍ସିଆଲ ସର୍ଭିସେସ୍ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସ ପାଇଁ ଋଣ ହାରକୁ ୨୦.୪୯ ପ୍ରତିଶତକୁ ସଂଶୋଧିତ କରାଯାଇ ଥିବା ବିଷୟରେ ଘୋଷଣା କରାଯାଇଛି । ୨୦୧୯-୨୦ ଆର୍ଥିକ ବର୍ଷରେ ହାରାହାରି ଋଣ ଖର୍ଚ୍ଚ କମ୍ ରହିବାରୁ ଆରୋହଣ ଏହାର ପ୍ରମୁଖ ଉତ୍ପାଦ ସରଳ ଓ ଅନ୍ୟ ଋଣ ଉତ୍ପାଦ ଗୁଡ଼ିକର ସୁଧ ହାର ସଂଶୋଧନ କରିଛି । ସୁଧ ହାରରେ ହୋଇଥିବା ପରିବର୍ତ୍ତନ ୨୦୨୦ ଏପ୍ରିଲ୍ ୨୨ରୁ ଲାଗୁ ହେବ ଏବଂ ଏହା ଦ୍ୱାରା ସମାଜର ସାମାଜିକ ଓ ଆର୍ଥିକ ଦୁର୍ବଳ ବର୍ଗରେ ବାସ କରୁଥିବା ୨.୨ ନିୟୁତରୁ ଅଧିକ ଗ୍ରାହକ ଉପକୃତ ହେବେ । ଏନବିଏଫ୍‌ସି-ଏମ୍‌ଏଫ୍‌ଆଇ ଗୁଡ଼ିକ ମଧ୍ୟରେ ଏହା ହେଉଛି ସବୁଠୁ କମ ସୁଧ ହାର ଓ ଆରବିଆଇର ମାର୍ଜିନ ଆଣ୍ଡ୍‌କ୍ୱାଲିଫାଇଙ୍ଗ ଆସେଟସ୍ ରେସିଓଜ୍ ଅନୁସାରେ ଏହା ହୋଇଛି । ଆରୋହଣର ବ୍ୟାଙ୍କ ଲୋନ୍ ରେଟି ଏ- ରହିଥିବା ବେଳେ ଆଉଟଲୁକ ସକାରାତ୍ମକ ରହିଛି । କେୟାର ରେଟିଙ୍ଗସ୍ ରୁ ଏହାକୁ ଏମ୍‌ଏଫ୍୧ର ଏମ୍‌ଏଫ୍‌ଆଇ ଗ୍ରେଡିଂ ମିଳିଛି ଏବଂ ଏସପିଓ୍ୱାର ସାମାଜିକ ପ୍ରଦର୍ଶନ ରେଟିଂ ଏବଂ ଗ୍ରେଟ୍ ପ୍ଲେସ୍ ଟୁ ଓ୍ୱାର୍କ ସାର୍ଟିଫିକେଟ୍ ମଧ୍ୟ ମିଳିଛି ।

# ପ୍ରବାସୀ ଓଡିଆ ଶ୍ରମିକମାନଙ୍କୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଉ : ସି.ପି.ଆଇ.(ଏମ୍)

**ଭୁବନେଶ୍ୱର,**(ପିଏନ): ଓଡିଶା ବାହାରେ ଥିବା ପ୍ରବାସୀ ଓଡିଆ ଶ୍ରମିକମାନଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇବାରେ ଲାଗିଛି । କାମ ନଥିବା ସମୟରେ ସଂଚିତ ଅର୍ଥ ସରିବା ହେତୁ ଶ୍ରମିକ ମାନେ ଭୋକ ଓପାସରେ ରହିଛନ୍ତି । ଚାଲି ଚାଲି, ସାଇକେଲରେ ଶହ ଶହ କି.ମି. ରାସ୍ତା ଅତିକ୍ରମ କରି ବିକଳରେ ଘରମୁହାଁ ହୋଇ ଦୌଡିବା ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ଶେଷରେ ସମୁଦ୍ର ମଧରେ ନୌକାରେ ଚେନାଇରୁ ୧୦୦୦କି.ମି ରାସ୍ତା ଅତିକ୍ରମ କରି ଗଞ୍ଜାମ ଫେରିବା ଚେଷ୍ଟା ଆଶ୍ଚର୍ଯ୍ୟକର ଘଟଣା । ଲକ୍ ଡାଉନ ପରେ ସେମାନଙ୍କୁ ଫେରାଇ ଆଣିବା ଲାଗି ପଦକ୍ଷେପ ନିଆଯିବ ବୋଲି ଘୋଷଣା ଆଶ୍ୱାସନା ଦେଉନାହିଁ । ଇତି ମଧରେ ରାଜସ୍ଥାନର କୋଟାରୁ ହଜାର ହଜାର ଛାତ୍ରଙ୍କୁ ଉତର ପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ବିହାର, ପଶ୍ଚିମବଙ୍ଗକୁ ଲକଡାଉନ ସମୟରେ ମଧ ଆଣିବାକୁ ପଦକ୍ଷେପ ନିଆଯାଉଥିବା ବେଳେ ଓଡିଶା ପକ୍ଷରୁ ମଧ ଏ ଦିଗରେ କାହିଁକି ପଦକ୍ଷେପ ନିଆଯାଉନାହିଁ ? ପ୍ରଥମେ ଉତର ପ୍ରଦେଶ ସରକାର ଲକଡାଉନ ସମୟରେ ଡେରାଡୁନରୁ ଶ୍ରମିକକ ଓ କୋଟାରୁ ଛାତ୍ରମାନଙ୍କୁ ନିଜ ରାଜ୍ୟକୁ ଆଣିବା ବ୍ୟବସ୍ଥା କଲେ । ଏହା ପରେ ଆଉ ୪ଟ ରାଜ୍ୟକୁ ମଧ ଏଥିପାଇଁ କେନ୍ଦ୍ର ସରକାର ଅନୁମତି ଦେଲେ । ଦେଶବ୍ୟାପି କେନ୍ଦ୍ର ସରକାର ଲକଡାଉନ୍ ଘୋଷଣା କରିଥିବା ବେଳେ ବିଭିନ୍ନ ରାଜ୍ୟପାଇଁ ଭିନ୍ନ ଭିନ୍ନ ନିଷ୍ପତି କରିବା ଦୁର୍ଭାଗ୍ୟଜନକ । ସାମାଜିକ ଦୂରତ୍ୱ ନାମରେ ପେଟ ବିକଳରେ ଅନ୍ୟରାଜ୍ୟରେ ଥିବା ଶ୍ରମିକମାନଙ୍କ ପ୍ରତି ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିବା ନିନ୍ଦନୀୟ । ଓଡିଶା ରାଜ୍ୟ ସରକାର ମଧ ବର୍ତମାନ ୫ଟି ରାଜ୍ୟକୁ ଲକଡାଉନ ସତ୍ୱେ ସ୍ଥାନାନ୍ତରଣ ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଥିବା ବେଳେ ଓଡିଶା ରାଜ୍ୟ ସରକାର ପ୍ରବାସୀ ଓଡିଆ ଶ୍ରମିକମାନଙ୍କୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନେବା ଦରକାର । ଏଥିପାଇଁ ରହଣି ସ୍ଥାନଠାରୁ ଓଡିଶାକୁ ନନ୍‌ଷ୍ଟପ ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନଙ୍କୁ ଆଣିବା ଲାଗି, କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବା ଦରକାର । ସେଠାରୁ ଆଣିବା ପରେ ଶ୍ରମିକମାନଙ୍କୁ ନିଜ ନିଜ ଅଂଚଳରେ ସଙ୍ଗରୋଧ କରି ରଖିବା ସହିତ ପରୀକ୍ଷା କରାଯାଉ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ୭୫୦୦ଟଙ୍କା ସେମାନଙ୍କ ବ୍ୟାଙ୍କ ଜମାଖାତାରେ ନଗଦ ଜମା କରିବା ପାଇଁ ଦାବି କରୁଛୁ ।




# ଲୋକସଭା ବାଚସ୍ପତିଙ୍କ ସହ ଭିଡ଼ିଓ କନ୍‌ଫରେନ୍‌ସିଂରେ ଆଲୋଚନା କଲେ ସୂର୍ଯ୍ୟ ପାତ୍ର



**ଭୁବନେଶ୍ୱର (ପିଏନ):** ସଂପ୍ରତି ବିଶ୍ୱବ୍ୟାପୀ କରୋନା ଭୂତାଣୁ ସଂକ୍ରମଣ ପରିପ୍ରେକ୍ଷୀରେ ବିଭିନ୍ନ ରାଜ୍ୟରେ ଏହାର ସ୍ଥିତି, ସଫଳ ମୁକାବିଲା ଓ ଲକ୍ ଡାଉନ୍‌ବେଳେ ବିଧାୟୀ କାର୍ଯ୍ୟ ପରିଚାଳନା ସଂପର୍କରେ ଲୋକସଭା ବାଚସ୍ପତି ଶ୍ରୀ ଓମ୍ ପ୍ରକାଶ ବିର୍ଲା ଆଜି ସମସ୍ତ ରାଜ୍ୟର ବାଚସ୍ପତିଙ୍କ ସହ ଆଲୋଚନା କରିଛନ୍ତି ।

ସଚିବାଳୟ ମାର୍ଗସ୍ଥିତ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ରେ ଅନୁଷ୍ଠିତ ଏହି ଭିଡ଼ିଓ କନ୍‌ଫରେନ୍‌ସିଂରେ ଯୋଗଦେଇ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଓଡ଼ିଶାରେ କରୋନା ସଂକ୍ରମଣ, କୋଭିଡ୍-୧୯ ସ୍ୱତନ୍ତ୍ର ହସ୍‌ପିଟାଲ୍ ପ୍ରତିଷ୍ଠା, ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ଓଡ଼ିଶାରେ ଲକ୍ ଡାଉନ୍, କ୍ୱାରାଂଟାଇନ୍, ଆଇସୋଲେସନ୍, ସାମାଜିକ ଦୂରତ୍ୱ, ହାତଧୁଆ ଆଦି କଡ଼ାକଡ଼ି ଭାବେ ପାଳନ କରାଯାଉଛି ବୋଲି ସେ କହିଥିଲେ । ସଂକ୍ରମିତ ଅଂଚଳଗୁଡ଼ିକୁ କଂଟେନ୍‌ମେଂଟ ଜୋନ୍ ଭାବେ ଘୋଷଣା କରାଯାଇଛି । ବର୍ତମାନ ଉପୁଜିଥିବା ସ୍ଥିତିର ମୁକାବିଲା ପାଇଁ ମନ୍ତ୍ରୀମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ କ୍ଷମତାପନ୍ନ କମିଟି ଓ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ସଚିବସ୍ତରୀୟ କମିଟି ଗଠନ କରାଯାଇଛି । ବିଦେଶରୁ ଓଡ଼ିଶା ଆସିଥିବା ଲୋକଙ୍କ ପଂଜୀକରଣ ବାଧ୍ୟତାମୂଳକ କରାଯିବା ସହିତ ଅନ୍ୟ ରାଜ୍ୟରୁ ଫେରିଥିବା ବ୍ୟକ୍ତିମାନଙ୍କ ପାଇଁ କ୍ୱାରାଂଟାଇନ୍ ବ୍ୟବସ୍ଥା ଲାଗୁ କରାଯାଇଛି । ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କୁ ଚାଉଳ ଓ ଗହମ ଏବଂ ମଧାହ୍ନ ଭୋଜନ ଯୋଜନାରେ ଛାତ୍ରଛାତ୍ରୀମାନଙ୍କୁ ଆଗୁଆ ୩ ମାସ ପାଇଁ ରାସନ୍ ଯୋଗାଇ ଦିଆଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ପ୍ରବକ୍ତା ଓ ଅନ୍ୟ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ଗଣମାଧମ ଜରିଆରେ ଜନସାଧାରଣଙ୍କୁ କରୋନା ସଂକ୍ରମଣ ସଂପର୍କିତ ସୂଚନା ଦୈନିକ ପ୍ରଦାନ କରାଯାଉଛି ବୋଲି ବାଚସ୍ପତି ଡ. ପାତ୍ର କହିଥିଲେ ।

ବିଧାୟକମାନଙ୍କ ସୁରକ୍ଷା ଦୃଷ୍ଟିରୁ ବିଧାନ ସୌଧକୁ ସାନିଟାଇଜ୍ କରାଯିବା ସହ ଷୋଡଶ ବିଧାନସଭାର ତୃତୀୟ ଅଧିବେଶନ (ବଜେଟ୍ ଅଧିବେଶନ) ଲୋକସେବା ଭବନର ସମ୍ମେଳନ କକ୍ଷରେ ମାର୍ଚ୍ଚ ୩୦ ତାରିଖରେ ଅନୁଷ୍ଠିତ ହୋଇଛି ଓ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଗିଲୋଟିନ୍ ଜରିଆରେ ବାଚନିକ ଭୋଟରେ ପାରିତ ହୋଇଛି ବୋଲି ବାଚସ୍ପତି ଡ. ପାତ୍ର ପ୍ରକାଶ କରିଥିଲେ । ଲୋକସଭା ବାଚସ୍ପତି ଶ୍ରୀ ବିର୍ଲାଙ୍କ ପରାମର୍ଶ କ୍ରମେ ଓଡ଼ିଶା ବିଧାନସଭାରେ ଏକ ନିୟନ୍ତ୍ରଣ କକ୍ଷ ଯଥାଶୀଘ୍ର ସ୍ଥାପନ କରାଯିବ । ନିଜ ନିର୍ବାଚନ ମଣ୍ଡଳୀର ଲୋକମାନେ ଅନ୍ୟ ରାଜ୍ୟରେ ଅସୁବିଧାରେ ଥିଲେ ସେମାନଙ୍କ ସବିଶେଷ ବିବରଣୀ ବିଧାୟକ/ବିଧାୟିକାମାନେ ଏହି କକ୍ଷକୁ ପ୍ରଦାନ କଲେ ବିଧାନସଭା ପକ୍ଷରୁ ଏହି ସୂଚନା ଲୋକସଭା ବାଚସ୍ପତି, ସଂପୃକ୍ତ ରାଜ୍ୟର ବାଚସ୍ପତି ଓ ସରକାରଙ୍କ ଦୃଷ୍ଟିକୁ ଅଣାଯିବ, ଯଦ୍ଦ୍ୱାରା ଏହି ସମସ୍ୟାର ସମାଧାନ ସହଜ ହେବ । ବିଧାନସଭା ପରିସରରେ ପାନ, ଗୁଟଖା, ସୁପାରି ଆଦି ସେବନ କରି ଛେପ ପକାଇଲେ ଆର୍ଥିକ ଜରିମାନା ଆଦାୟ ହେବ । ୨୦ ତାରିଖଠାରୁ ସମସ୍ତ ଗ୍ରୁପ୍-ଏ ଅଧିକାରୀ ଏବଂ ଗ୍ରୁପ୍-ବି, ସି, ଡି ବର୍ଗର ୫୦ ପ୍ରତିଶତ ଅଧିକାରୀ/କର୍ମଚାରୀ କାର୍ଯ୍ୟରେ ଯୋଗଦେବା ପାଇଁ ଓଡ଼ିଶା ବିଧାନସଭା ପକ୍ଷରୁ ଆଦେଶନାମା ପ୍ରକାଶ ପାଇଛି । ଏହି ଭିଡ଼ିଓ କନ୍‌ଫରେନ୍‌ସିଂବେଳେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଏନ୍‌ଆଇସିର ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଶ୍ରୀମତୀ ପ୍ରତିଭା ସିଂ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଶ୍ରୀମତୀ ସରିତା ସାହୁ, ବୈଷୟିକ ନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ବେହେରା ଓ ବିଧାନସଭାର ଯୁଗ୍ମ ସଚିବ ଶ୍ରୀ ସରୋଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ସିଲିଣ୍ଡର ପାଇବେ ରାଜ୍ୟର ୪୭,୪୭,୩୭୦ ହିତାଧିକାରୀ

**ଭୁବନେଶ୍ୱର ,(ପିଏନ):** କୋଭିଡ-୧୯ ମହାମାରୀ କାରଣରୁ ଦେଶବ୍ୟାପୀ ଜାରି ହୋଇଥିବା ଲକଡାଉନ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାଗଣାରେ ଗ୍ୟାସ ସିଲିଣ୍ଡର ରିଫିଲ ଯୋଗାଇ ଦିଆଯାଉଛି । ଏହି ଯୋଜନାରେ ହିତାଧିକାରୀମାନେ ତିନି ମାସ ପର୍ଯ୍ୟନ୍ତ ମାଗଣାରେ ତିନୋଟି ଗ୍ୟାସ ସିଲିଣ୍ଡର ରିଫିଲ ପାଇପାରିବେ । ଓଡ଼ିଶାର ମୋଟ ୪୭,୪୭,୩୭୦ ଜଣ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ତିନି ମାସ ଲାଗି ମାଗଣାରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୋଟ ୧୧୦୨.୮୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ ସିଲିଣ୍ଡର ବୁକିଂ ନିମନ୍ତେ ବ୍ୟାଙ୍କ ଆକାଉଂଟ ଜରିଆରେ ୭୭୪ ଟଙ୍କା ୫୦ ପଇସା ପ୍ରଦାନ କରାଯାଉଛି । ଏହିପରି ଭାବେ ସେମାନେ ତିନି ମାସ ଲାଗି ମୋଟ ୨୩୨୩ ଟଙ୍କା ଗ୍ୟାସ ସିଲିଣ୍ଡର ରିଫିଲ ନିମନ୍ତେ ପାଇବେ ।

ଇତିମଧ୍ୟରେ ପ୍ରଥମ ମାସ ପାଇଁ ବହୁସଂଖ୍ୟକ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ଘରେ ମାଗଣା ଗ୍ୟାସ ପହଁଚି ସାରିଲାଣି । ଲକଡାଉନ କାରଣରୁ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ହିତାଧିକାରୀଙ୍କ ପାଇଁ ମାଗଣାରେ ରୋଷେଇ ଗ୍ୟାସ ମିଳିଯାଉଥିବାରୁ ସେମାନେ ସନ୍ତୋଷ ପ୍ରକାଶ କରିଛନ୍ତି । ଗଜପତି ଜିଲ୍ଲାର ବହୁସଂଖ୍ୟକ ହିତାଧିକାରୀ ଏହାଦ୍ୱାରା ଉପକୃତ ହୋଇଛନ୍ତି । ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଜୀବା ପଂଚାୟତର ଅନୁକୁଣ୍ଡା ଗ୍ରାମର ଦୁଇ ମହିଳା ହିତାଧିକାରୀ ସୁଲୋଚନା କାଉଁରୀ ଏବଂ ମଞ୍ଜୁ ଶବର ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସିଲିଣ୍ଡର ଗ୍ରହଣ କରିଛନ୍ତି । ଏଥିରେ ସେମାନେ ବେଶ ଖୁସି ବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେହିପରି ଜିଲ୍ଲାର ଗୋସାଣି ବ୍ଲକ୍ ଅନ୍ତର୍ଗତ ଉପ୍ପଲଡ଼ା ଗ୍ରାମର ଦୁଇ ଜଣ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ମହିଳା ହିତାଧିକାରୀ କେ. ଉନୀଷା ଓ ବି. ସାରଦା ମଧ ଏପ୍ରିଲ ମାସ ପାଇଁ ଗ୍ୟାସ ରିଫିଲ ବୁକିଂ କରି ମାଗଣାରେ ପାଇପାରିଛନ୍ତି । ଏଥିଯୋଗୁ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି । କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଅଧୀନ ତିନୋଟି ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ, ଏଚପି, ଭାରତ ଗ୍ୟାସ ପକ୍ଷରୁ ବିତରକମାନଙ୍କ ଜରିଆରେ ମାଗଣାରେ ଗ୍ୟାସ ସିଲିଣ୍ଡର ରିଫିଲ ଯୋଗାଇ ଦିଆଯାଉଛି । ଉପଭୋକ୍ତାମାନେ ଗ୍ୟାସ ସିଲିଣ୍ଡର ପାଇଁ ବୁକିଂ କରିବା ପରେ ସେମାନଙ୍କ ବ୍ୟାଙ୍କ ଖାତାକୁ ସମ୍ପୂର୍ଣ୍ଣ ଗ୍ୟାସ ସିଲିଣ୍ଡର ରିଫିଲ ବାବଦ ଅର୍ଥ ସିଧାସଳଖ ଚାଲିଆସୁଛି । ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ସିଲିଣ୍ଡର ରିଫିଲ କରାଯିବାକୁ ଘୋଷଣା କରାଯିବା ପରଠାରୁ ଏପ୍ରିଲ ୧୪ ତାରିଖ ସୁଦ୍ଧା ତୈଳ ବିପଣନ କମ୍ପାନୀଗୁଡ଼ିକ ୭.୨୩ କୋଟି ଉପଭୋକ୍ତାମାନଙ୍କ ଆକାଉଂଟକୁ ପାଖାପାଖି ୫୬୬୩ କୋଟି ଟଙ୍କା ହସ୍ତାନ୍ତର କରିସାରିଲେଣି । ସେହିପରି ୧.୩୨ କୋଟି ମାଗଣା ଏଲପିଜି ରିଫିଲ ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯାଇସାରିଛି । ଓଡ଼ିଶାରେ ତୈଳ ବିପଣନ କମ୍ପାନୀଗୁଡ଼ିକ ପ୍ରଥମ ରିଫିଲ ବୁକିଂ ବାବଦକୁ ଉପଭୋକ୍ତାଙ୍କ ଆକାଉଂଟକୁ ୩୪୧ କୋଟି ଟଙ୍କା ଅଗ୍ରୀମ ହସ୍ତାନ୍ତର କରିସାରିଲେଣି । ୧୪ ଏପ୍ରିଲ ସୁଦ୍ଧା ଓଡ଼ିଶାରେ ଥିବା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ୫.୮୮ ଲକ୍ଷ ଏଲପିଜି ରିଫିଲ ଯୋଗାଇ ଦିଆଯାଇସାରିଛି । କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ତଥା ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ନିକଟରେ ଏହି ସୁବିଧା ପହଁଚାଇବା ସୁନିଶ୍ଚିତ କରିବା ଲାଗି ତୈଳ ବିପଣନ କମ୍ପାନୀ ଓ ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଖେଳ



ପର୍ଯ୍ୟବେକ୍ଷକ

PARYABEKHYAK



Bhubaneswar Thursday, April 23,2020 ଭୁବନେଶ୍ୱର ଗୁରୁବାର ଅପ୍ରେଲ ୨୩,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


# କରୋନା ମୁକାବିଲା ପାଇଁ ସୀମା ଜଗିବା କଷ୍ଟକର : ବାଗଚୀ

**ଭୁବନେଶ୍ୱର ,(ପିଏନ)-** ନିକଟରେ ଚିହ୍ନଟ ହୋଇଥିବା କରୋନା ଆକ୍ରାନ୍ତମାନେ ପଡୋଶୀ ରାଜ୍ୟରୁ ଫେରିଥିବାର ସୂଚନା ମିଳିଛି। ତେବେ କରୋନା ମୁକାବିଲା ପାଇଁ ରାଜ୍ୟର ସୀମା ଜଗିବା କଷ୍ଟକର ବୋଲି ରାଜ୍ୟ କୋଭିଡ-୧୯ ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗଚୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ସୀମାକୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ଲାଗିଛି । ପଡୋଶୀ ରାଜ୍ୟ ସହ ଲାଗିଥିବା ଓଡ଼ିଶାର ସୀମା ହେଉଛି ମୋଟ ୩ ହଜାର ୫୬୩ କିଲୋମିଟର। ଏହି ସୀମା ମଧ୍ୟରେ ଘନ ଜଙ୍ଗଲ ଓ ସମୁଦ୍ର ମଧ୍ୟ ରହିଛି। ତେଣୁ ସୁଦୀର୍ଘ ସୀମା ଜଗିବା ସହଜ ନୁହେଁ । ତେବେ ସୀମାକୁ ପଂଚାୟତବାସୀ ହିଁ ଜଗିପାରିବେ। କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ପୂର୍ବରୁ ପଂଚାୟତସ୍ତରରେ ଜନ ସଚେତନତା ସୃଷ୍ଟି କରିଛନ୍ତି । ସରପଂଚମାନଙ୍କୁ ଜିଲ୍ଲାପାଳଙ୍କ କ୍ଷମତା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ୬ ହଜାର ୭୯୮ଟି ପଂଚାୟତର ସରପଂଚଙ୍କ ସହିତ ଭିଡିଓ ବାର୍ତା। ଜରିଆରେ ଆଲୋଚନା କରିବେ।ଓଡ଼ିଶାର ସୀମାକୁ ଜଗିବା ପାଇଁ ଆମ ପାଖରେ ଏତେ ସଂଖ୍ୟାରେ ପୁଲିସ ନାହାନ୍ତି । ପଶ୍ଚିମବଙ୍ଗକୁ ବାଲେଶ୍ୱର ଓ ମୟୂରଭଂଜ ଜିଲ୍ଲା ଲାଗିଛି ।ଏହି ସୀମା ପ୍ରାୟ ୨୦୦ କିଲୋମିଟର, ଝାଡ଼ଖଣ୍ଡ ସୀମାକୁ ମୟୂରଭଂଜ, ସୁନ୍ଦରଗଡ଼ ଓ ବାଲେଶ୍ୱର ଜିଲ୍ଲା ଲାଗିଛି । ଏହା ମୋଟ ୫୯୧ କିଲୋମିଟର ।ସେହିପରି ଛତିଶଗଡ଼ ସୀମାକୁ ରାଜ୍ୟର ୮ଟି ଜିଲ୍ଲା ଯଥା ମାଲକାନଗିରି, ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଲାଗିଛି ।ଏହାର ଦୂରତା ୧୨୨୬ କିଲୋମିଟର। ଆନ୍ଧ୍ରପ୍ରଦେଶ ସୀମାକୁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଲାଗିଛି। ଏହାର ସୀମା ୧ ହଜାର ୨୪ କିଲୋମିଟର । ସମୁଦ୍ରକୂଳରେ ଓଡ଼ିଶାର ସୀମା ରହିଛି ୫୨୨ କିଲୋମିଟର ।ତେଣୁ ଏହାକୁ ପୁଲିସ କିମ୍ବା ଆରକ୍ଷୀ ବାହିନୀ ଅଟକାଇ ପାରିବ ନାହିଁ । ତେଣୁ ଏପରି ସମୟରେ ଆମକୁ ସୁରକ୍ଷିତ ରହିବାକୁ ହେଲେ ରାଜ୍ୟର ୬ ହଜାର ୭୯୮ଟି ପଂଚାୟତକୁ ସତର୍କ ରହିବାକୁ ହେବ ବୋଲି ଶ୍ରୀ ବାଗଚୀ କହିଛନ୍ତି।

# ଭଦ୍ରକ : ବିଧାୟକଙ୍କ ନିଜସ୍ୱ ପାଣ୍ଠିରୁ ଅସହାୟଙ୍କୁ ବଂଟାଗଲା ଚାଉଳ ଓ ଡାଲି

ଭଦ୍ରକ, **(ପିଏନ)**-କରୋନା ଜନିତ ଲକଡାଉନ୍ ସମୟରେ ବହୁ ଅସହାୟ ଦିନ ମଜୁରିଆଙ୍କର ରେସନ୍ କାର୍ଡ ନଥିବାରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସହାୟତାରୁ ବଂଚିତ ହୋଇଚାଲିଛନ୍ତି। ଆମ ରାଜ୍ୟରେ ଥିବା ଏଭଳି ବ୍ୟକ୍ତିବିଶେଷଙ୍କ ଭୋକିଲା ମୁହଁରେ ଦାନା ମୁଠାଏ ଦେବାପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ବିଧାୟକ ଓ ସରପଂଚମାନଙ୍କୁ ଗୁରୁଦାୟିତ୍ୱ ଦେବା ସହ ଏମାନଙ୍କୁ ହତାଦାର ନକରିବା ପାଇଁ ତାଗିଦ କରିଛନ୍ତି। ଏବଂ ଭଦ୍ରକରେ କରୋନା ମହାମାରୀକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ପରାମର୍ଶ ଦେବା ସହ ଭଦ୍ରକରେ କିଭଳି ଏହାର ମୁକାବିଲା କରାଯାଉଛି, ତାହା ଆଜି ପଚାରି ବୁଝିବା ସହ ଲୋକଙ୍କ ସୁବିଧା ଅସୁବିଧା ପ୍ରତି ତୀକ୍ଷ୍ଣ ନଜର ଦେବା ପାଇଁ କହିଥିଲେ। ତେବେ ଭଦ୍ରକର ଯୁବ ବିଧାୟକ ସଂଜୀବ ମଲ୍ଲିକଙ୍କୁ ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଜକୁ ମିଶାଇ ଦୁଇ ଦୁଇ ଥର କଥା ହେବା ସହ ଏଭଳି ଲୋକଙ୍କୁ ସହାୟତା କରିବା ପାଇଁ କହିବା ପରେ ସେ ଉପରୁ ନିଜସ୍ୱ ଅର୍ଥରେ ରାସନ୍ କାର୍ଡ ନଥିବା ଅଭାବୀ ବ୍ୟକ୍ତିମାନଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଭାବେ ଡାଲି ଚାଉଳ ବଂଟନ କରିଛନ୍ତି। ଆଜି ବିଧାୟକ ଶ୍ରୀ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ପୌରା ଳର ୧୩ନଂ ୱାର୍ଡରେ ପ୍ରାକ୍ତନ କାଉନସିଲର ପ୍ରଣୟ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଉପରୋକ୍ତ ଦୁସ୍ଥ ବ୍ୟକ୍ତିମାନଙ୍କୁ ଡାଲି ଓ ଚାଉଳ ବଂଟନ କରାଯାଇଛି। ଯାହା ସମସ୍ତ ପୌରା ଳରେ କିଛିଦିନ ଧରି ବିତରଣ କରାଯିବ ବୋଲି ବିଧାକୟ ଶ୍ରୀ ମଲ୍ଲିକ ଗଣମାଧ୍ୟମକୁ କହିଛନ୍ତି।

## ସମସ୍ତେ କାନ୍ଦୁଛନ୍ତି, କାହାରି ଆଖିରେ ଲୁହ ନାହିଁ
# ବିପଦଜନକ ପରିବେଶରେ ସଫେଇ କର୍ମଚାରୀ ଲଢୁଛନ୍ତି କୋଭିଡ ଯୁଦ୍ଧ

ଭଦ୍ରକ, **(ପିଏନ)**-ସମଗ୍ର ବିଶ୍ୱ ବର୍ତମାନ୍ କରୋନା ବିରୋଧରେ ଲଢୁଛି। ସରକାର ଓ ଜିଲ୍ଲା ପ୍ରଶାସନର ପରିଚାଳନାରେ ଏହି କରୋନା ବିରୋଧୀ ଲଢ଼େଇ ସମ୍ମୁଖ ଭାଗରେ ରହି ନିଜ ଜୀବନକୁ ବିପଦାପନ୍ନ କରି ଲଢୁଛନ୍ତି ଡ଼ାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୁଲିସ, ଅଗ୍ନିଶମବାହିନୀ, ସଫେଇ କର୍ମଚାରୀ। ଯେଉଁଥିପାଇଁ ସେମାନଙ୍କୁ ସବୁ ମହଲରୁ ପ୍ରଶଂସା। କରୋନା ଭୂତାଣୁ ଅତ୍ୟନ୍ତ ମାରାତ୍ମକ ହୋଇଥିବାରୁ ଉପରୋକ୍ତ ଯୋଦ୍ଧାଙ୍କ ବ୍ୟକ୍ତିଗତ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ କରୋନା ବିରୋଧୀ ଲଢ଼େଇରେ ସାମିଲ ଡ଼ାକ୍ତର, ସ୍ୱାସ୍ଥ୍ୟକର୍ମୀ ପାଇଁ ବ୍ୟକ୍ତିଗତ ସୁରକ୍ଷା ଉପକରଣ(ପିପିଇ) ଯୋଗାଇଥିବାବେଳ ପୁଲିସ ଓ ଅଗ୍ନିଶମ ବାହିନୀ ପାଇଁ ମଧ୍ୟ ସଂପୃକ୍ତ ବିଭାଗ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେମାନଙ୍କ ପାଇଁ ଆଗୁଆ ବେତନ ଠାରୁ ଆରମ୍ଭ କରି ବହୁ ପଦକ୍ଷେପ ନେଉଛି ସର୍କାର। କିନ୍ତୁ ବର୍ତମାନ ସ୍ଥିତିରେ ସବୁଠାରୁ ଅସ୍ୱାସ୍ଥ୍ୟକର ଓ ବିପଦଜନକ ପରିବେଶରେ କାର୍ଯ୍ୟ କରୁଛନ୍ତି ପୌରପାଳିକାର ସ୍ୱଳ୍ପ ବେତନଭୋଗୀ ସଫେଇ କର୍ମଚାରୀ। ସର୍ବନିମ୍ନ ସୁରକ୍ଷା ଉପକରଣ ପାଇବାର ସୁଯୋଗରୁ ସେମାନେ ବଂଚିତ। ସେମାନଙ୍କ ପ୍ରତି ସମସ୍ତେ ଦରଦ ଦେଖାଉଛନ୍ତି। କିନ୍ତୁ କାହାର ସମବେଦନା ଥିବା ପରି ଜଣାଯାଉ ନାହିଁ।

ଭଦ୍ରକ ପୌର ପ୍ରଶାସନର ଏପରି ନିତୀ ପାଇଁ ସଫେଇ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିଲେ ମଧ୍ୟ ସେମାନେ ନୀରବ ରହୁଛନ୍ତି। ଏଠାରେ ସୂଚାଯୋଗ୍ୟ ଭଦ୍ରକ ପୌରପାଳିକାର ୩୦ଟି ୱାର୍ଡ଼ ପାଇଁ କାର୍ଯ୍ୟ କରୁଛନ୍ତି ୧୫୦/୧୬୦ରୁ ଉର୍ଦ୍ଧ୍ୱ କର୍ମଚାରୀ। ୮ଜଣ ସୁପରଭାଇଜରଙ୍କ ଅଧିନରେ ସେମାନେ କାର୍ଯ୍ୟରତ। ପୌର ପ୍ରଶାସନର ଅବହେଳାରୁ ଦୀର୍ଘ ବର୍ଷ ଧରି ଏହି ସଫେଇ କର୍ମଚାରୀ ଆଉଟ ସୋର୍ସିଂ ସଂସ୍ଥା ଦ୍ୱାରା ଅବହେଳିତ ଓ ଶୋଷଣର ଶୀକାର ହୋଇ ଚାଲିଛନ୍ତି। ସ୍ୱଳ୍ପ ବେତନରେ କାର୍ଯ୍ୟରତ ଏହି ୪ର୍ଥ ଶ୍ରେଣୀ କର୍ମଚାରୀମାନେ ନିକଟ ଅତୀତରେ ବାରମ୍ବାର ନିଜର ହକ୍ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସିଛନ୍ତି। ସେମାନଙ୍କ ୫୦ଲକ୍ଷ ଟଙ୍କାର ଇପିଏଫ ରାଶୀକୁ ହଡ଼ପ କରିଥିବା ଘରୋଇସଂସ୍ଥା ଠାରୁ ଟଙ୍କା ଫେରାଇ ଆଣିବାକୁ ଦାବି କରିଛନ୍ତି। କିନ୍ତୁ କୌଣସି ସୁଫଳ ମିଳି ନାହିଁ।

# ନାବାଳିକାକୁ ଅସଦାଚରଣ ଜେଲ ଗଲେ ଗିରଫ ଯୁବକ

କେନ୍ଦୁଝର, **(ପିଏନ)-** କେନ୍ଦୁଝର ଜିଲ୍ଲାରେ ଜଣେ ୧୭ବର୍ଷିୟା ନାବାଳିକାକୁ ଅସଦାଚରଣ କରି ଜଣେ ଯୁବକ ଗିରଫ ହୋଇଛି । ଏବଂ ପରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ କେନ୍ଦୁଝର ଜେଲକୁ ପଠାଇ ଦିଆଯାଇଛି । ଏହି ଘଟଣାର ତଦନ୍ତକାରୀ ଅଧିକାରୀ ଜି.ଲାକ୍ରାଙ୍କ ସୂଚନା ମୁତାବକ ହରିଚନ୍ଦନପୁର ଥାନା ଅନ୍ତର୍ଗତ ତଥା ଶଗଡପଟା ନିକଟସ୍ଥ ଖଡିବାହାଲି ଗ୍ରାମର ୨୪ ବର୍ଷ ବୟସ୍କ ଦିପୁନା ଓରଫ ବୁଟା ନାଏକ ସେହି ଗ୍ରାମର ଜଣେ ନାବାଳିକାକୁ ବଳାତ୍କାର କରିଥିଲା। ୨୦୧୯ ମସିହା ରଜ ଦିନ ଏହି ଘଟଣା ଘଟିଥିବା ବେଳେ ଲୋକଲଜ୍ଜା ଭୟରେ ନାବାଳିକା ଏହି କଥାକୁ ପ୍ରଘଟ କରି ନ ଥିଲା । ତେବେ ସେ ଗର୍ଭବତୀ ହେବା ପରେ ସମସ୍ତ ଘଟଣା ଜଣାପଡିଥିଲା । ଏହା ପରେ ସଂପୃକ୍ତ ନାବାଳିକା ଓ ତାଙ୍କ ପରିବାର ତରଫରୁ ହରିଚନ୍ଦନପୁର ଥାନାରେ ଏପ୍ରିଲ ୨୦ ତାରିଖ ସୋମବାର ଦିନ ଏକ ଏତଲା ଦେବା ପରେ ଅଭିଯୁକ୍ତ ଦିପୁନାକୁ ପୋଲିସ ଗିରଫ କରିଥିଲା । ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୭୬/୧୨୦୬ ଓ ପକସୋ ଆଇନର ଧାରା ୬ ତଥା ହରିଚନ୍ଦନପୁର ଥାନାର କେଶ ସଂଖ୍ୟା ୪୨/୨୦୨୦ରେ ଆସାମୀକୁ କୋର୍ଟ ଚାଲାଣ କରାଯାଇଥିଲା । ଦିପୁନାର ଜାମିନ ନାମଞ୍ଜୁର ହେବାରୁ ତାକୁ କେନ୍ଦୁଝର ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି ।

# ଲକ୍‌ଡାଉନ୍ ସମୟରେ ଭାରତୀୟଙ୍କ ପସନ୍ଦର ସପିଙ୍ଗ୍ ତାଲିକା ଜାରି କରିଛି "ସ୍ନାପ୍‌ଡିଲ୍"

ଭୁବନେଶ୍ୱର: କୋଭିଡ୍-୧୯ ମୁକାବିଲା ଲାଗି ଭାରତୀୟମାନେ ପ୍ରାୟ ଏକମାସ ହେଲାଣି ଲକ୍‌ଡାଉନ୍‌ରେ ଅଛନ୍ତି। ଏହି ସମୟରେ ଭାରତୀୟମାନେ କେଉଁ ସବୁ ଅଣ-ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଆଗ୍ରହ ପ୍ରକାଶ କରିଥିଲେ ତାହାର ଏକ ତାଲିକା ଦେଶର ଅଗ୍ରଣୀ ଇ-କମର୍ସ ସଂସ୍ଥା ସ୍ନାପ୍‌ଡିଲ୍ ପକ୍ଷରୁ ଜାରି କରାଯାଇଛି। ଏହି ସଂସ୍ଥା ଲକ୍‌ଡାଉନ୍ ସମୟରେ ଅନେକ ବ୍ୟାପକ ବର୍ଗର ଅଣ-ଅତ୍ୟାବଶ୍ୟକ ସାମଗ୍ରୀ ବରାଦ ଗ୍ରହଣ କରିଛି। ଲକ୍‌ଡାଉନ୍ ଅବଧି ଶେଷ ହେବା ପରେ କଂପାନି ସେଗୁଡ଼ିକର ଡେଲିଭରି ଆରମ୍ଭ କରିବ। ବ୍ୟବହାରକାରୀମାନେ ସେଗୁଡ଼ିକୁ କାର୍ଟରେ ସଂରକ୍ଷିତ ରଖିଛନ୍ତି। ବ୍ୟବହାରକାରୀଙ୍କ ସପିଙ୍ଗ୍ କାର୍ଟରେ ୨୪ ଗୁଣା ଅଧିକ ଉତ୍ପାଦ ସାମିଲ ହୋଇଛି। ହାରାହାରି ଭାବେ ପ୍ରତି ଗ୍ରାହକଙ୍କ କାର୍ଟରେ ୯ଟି ଉତ୍ପାଦ ରହିଛି। ସପିଙ୍ଗ ତାଲିକାରେ ପ୍ରାୟ ୨୫% ନୂଆ ଗ୍ରାହକଙ୍କ ବରାଦ ରହିଛି। ବର୍ତମାନ ଇ-କମର୍ସ ଜରିଆରେ ଖାଦ୍ୟ, ଗ୍ରୋସରି, ଔଷଧ, ମାସ୍କ ଓ ସାନିଟାଇଜର୍ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରାଯାଉଛି। ସ୍ନାପ୍‌ଡିଲ୍ ଜାରି କରିଥିବା ତଥ୍ୟ ଅନୁଯାୟୀ, ଗ୍ରାହକମାନେ ପୋଷାକ କିଣିବାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସପିଙ୍ଗ୍ କାର୍ଟରେ ସାମିଲ କରାଯାଇଥିବା ୪୦ ପ୍ରତିଶତ ଉତ୍ପାଦ ହେଉଛି ପୋଷାକ ସାମଗ୍ରୀ। ଗ୍ରାହକମାନେ ଟି-ସାର୍ଟ, ବରମୁଡା ସର୍ଟସ୍, ସାର୍ଟ, କ୍ରପଡ୍ ଟପ୍, କାଜୁଆଲ ଓୟାର, ଟ୍ରାକ୍ ପ୍ୟାଂଟ୍ ଏବଂ ନାଇଟ୍ ଓୟାର ଟପ୍ ଓ ପାଇଜାମାକୁ କାର୍ଟରେ ଯୋଡ଼ିହୋଇଛନ୍ତି। ୩୦୦-୯୦୦ ଟଙ୍କା ମୂଲ୍ୟର ଓପନ୍ ସାଣ୍ଡାଲ୍ ଓ ଫ୍ଲିପ୍ ଫ୍ଲପ୍ ମଧ୍ୟରେ ତାଲିକାରେ ରହିଛି। ପର୍ସନାଲ୍ ଗ୍ରୁମିଂ ଉତ୍ପାଦ ଭିତରେ ପୁରୁଷଙ୍କ ପାଇଁ ଟ୍ରିମର୍, ଏପିଲେଟରସ୍, ୱାକ୍ସି ଷ୍ଟ୍ରିପସ୍ ଚାହିଦାରେ ଥିବା ବେଳେ ୮୦ ହଜାରରୁ ଅଧିକ ଗ୍ରାହକ ନିଜ କାର୍ଟରେ ଏହି ସବୁ ଉତ୍ପାଦ ସାମିଲ କରିଛନ୍ତି। ବିଉଟି ଉତ୍ପାଦ ଭିତରେ ହେୟାର କଲର ଏବଂ ଆଲୋଭେରା କ୍ରିମ୍ ଅଧିକ ଚାହିଦାରେ ଅଛି। ଏହା ବ୍ୟତୀତ ଗ୍ରାହକମାନେ ଇୟରଫୋନ, ହେଡଫୋନ, ଲାପଟପ ଟେବୁଲ, ହୋମ ପ୍ରିଂଟର, ୱାଇ-ଫାଇ ରାଉଟର, ୟୁଏସବି ଚାର୍ଜର, ଡାଟା କେବୁଲ ଏବଂ ଏକ୍ସଟେନସନ କର୍ଡ ଆଦିକୁ କାର୍ଟରେ ସାମିଲ କରିଥିବା ବେଳେ ବ୍ୟାକ ସପୋର୍ଟ ପିଲୋ କିଣିବାକୁ ମଧ୍ୟ ଆଗ୍ରହ ଦେଖାଇଛନ୍ତି।

ସାରା ଦେଶରୁ ମୋବାଇଲ୍ ଚାର୍ଜର, ସ୍କ୍ରିନ ପ୍ରୋଟେକ୍ଟର ଓ ମୋବାଇଲ୍ ଫୋନ୍ କଭର ପାଇଁ ବରାଦ ଆସିଛି। ଘରକରଣା ଜିନିଷ ଭାବେ ଗ୍ରାହକମାନେ ପ୍ରେସର କୁକର, ରୋଟି ମେକର, ଏଗ୍ ବଏଲର, କଇଂଚି, ବେଡସିଟ, ଟାୱେଲ, ୱାଲ ଡେକୋରେସନ, ବୃକ୍ଷରୋପଣ ପାଇଁ ଦରକାର ସାମଗ୍ରୀ, ପନିପରିବା ବିହନ, ଏଲଇଡି ବଲ୍‌ବ ଓ ଏମର୍ଜେନ୍ସି ଲାଇଟ୍ କିଣିବାକୁ ମଧ୍ୟ ପ୍ରୟାସ କରିଛନ୍ତି। ବ୍ୟାୟାମ ପାଇଁ ଓଜନ ମପା ଯନ୍ତ୍ର, ଟମି ଟ୍ରିମର, ଆବଡୋମିନାଲ ରୋଲର୍ସ, ଜିମ୍ ବଲ୍ ଏବଂ ଫିଟ୍‌ନେସ୍ ବ୍ୟାଣ୍ଡ୍ ଓ ବିଦ୍ୟାଳୟ ଉପକରଣ ଭାବେ ନୋଟବୁକ୍, ପାଠପଢ଼ା ପୁସ୍ତକ, ପେନ୍, ପେନ୍‌ସିଲ୍, କ୍ରେୟନ, ଜ୍ୟାମିତି ବାକ୍ସ ଏବଂ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରୀକ୍ଷା ପୁସ୍ତକ ପାଇଁ ବରାଦ ଆସିଛି।

ଗ୍ରାହକମାନେ ଆଂଟି ସ୍ନୋରିଂ ଉପକରଣ, ଆଧ୍ୟାତ୍ମିକ ପୁସ୍ତକ, ଷ୍ଟ୍ରେସ୍-ବୁଷ୍ଟର ବଲ୍, ଲୁଡୋ, ସ୍କ୍ରାବଲ୍ ଓ ୟୁନୋ ଭଳି ଇନ୍‌ଡୋର ଗେମସ୍, କୋମଳ ଖେଳନା, କିଚେନ୍ ସିଙ୍କ୍ ପାଇଁ ଆଂଟି କ୍ଲଗିଂ ଫିଲ୍‌ଟର୍, ଗିଟାର, ବଇଂଶି ଏବଂ ମାଉଥ ଅର୍ଗାନ ଭଳି ସଙ୍ଗୀତ ବାଦ୍ୟଯନ୍ତ୍ର କିଣିଛନ୍ତି। ଲୋକମାନେ ୬୮ ଟଙ୍କାରୁ ଆରମ୍ଭ କରି ୧୮,୨୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସାମଗ୍ରୀ ପାଇଁ ବରାଦ ଦେଇଛନ୍ତି। ପ୍ରାୟ ୭୫% ବରାଦ ଉତରପ୍ରଦେଶ, ପଂଜାବ, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ ଓ ମଧ୍ୟପ୍ରଦେଶର ଅଣ-ମେଟ୍ରୋ ସହରରୁ ଆସିଛି।

# ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କର ନିଷ୍ପତ୍ତି ସ୍ୱାଗତଯୋଗ୍ୟ

**ଭୁବନେଶ୍ୱର** :କୋଭିଡ଼୍-୧୯ ବିରୁଧରେ କାର୍ଯ୍ୟକରୁଥିବା ଡାକ୍ତର ନର୍ସ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ୫୦ ଲକ୍ଷ ଟଙ୍କାର ଇନ୍ସୁରାନସ୍ ବୀମା ସଂପୂର୍ଣ୍ଣ ପେନସନ୍ ସୁବିଧା ଓ ରାଷ୍ଟ୍ରୀୟ ସମ୍ମାନ ଦେବା ପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କ ନିଷ୍ପତିକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତଥା ଜାତୀୟ ଉପସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ସାଂସଦ ସ୍ୱାଗତ ଜଣାଇଛନ୍ତି। ଆଜି ଆନ୍ତର୍ଜାତିକ ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘର ଭାରତ, ବାଙ୍ଗାଲାଦେଶ, ନେପାଳ, ଶ୍ରୀଲଙ୍କା ପ୍ରଭୃତି ଦକ୍ଷିଣ ଏସିଆ ରାଷ୍ଟ୍ର ଗୁଡ଼ିକରେ କାର୍ଯ୍ୟ କରୁଥିବା ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ୟୁନିଅନ ଓ ଫେଡେରସନ ମାନଙ୍କର କୋଭିଡ଼ - ୧୯ ଉପରେ ଅନୁଷ୍ଠିତ ଏକ ଭିଡ଼ିଓ କନଫେରନ୍ସ ବୈଠକରେ ଅଧକ୍ଷତା କରି ଡଃ ରାମଚନ୍ଦ୍ର ଖୁଂଟିଆ ଓଡ଼ିଶା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କର ଏହି ନିଷ୍ପତିକୁ ସ୍ୱାଗତ ଜଣାଇବା ସଂଗେ ସଂଗେ ଭାରତରେ, ଜାତୀୟ ସ୍ତରରେ ଓ ରାଜ୍ୟ ସ୍ତରରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀମାନଙ୍କ ବ୍ୟତୀତ, ମ୍ୟୁନିସ୍‌ପାଲଟି କର୍ମଚାରୀ, ସଫେଇ କର୍ମଚାରୀ, ବିଦ୍ୟୁତ କର୍ମଚାରୀ, ପୋଲିସ୍ କର୍ମଚାରୀ ଓ କୋଭିଡ୍-୧୯ ସଂକ୍ରମଣ ସ୍ଥିତିରେ କାର୍ଯ୍ୟ କରୁଥିବା ସମସ୍ତ ସରକାରୀ କର୍ମଚାରୀମାନଙ୍କର ଜୀବନବୀମା କରିବା ସହିତ ସଂକ୍ରମଣ ସମୟରେ ବିତରଣ କରି ଅଧିକ ସମୟ କାର୍ଯ୍ୟ କରୁଥିବାରୁ ଲକ୍ ଡାଉନ୍ ପିରିୟଡ଼ରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ୨୫ ପ୍ରତିଶତ ଦରମା ଦେବା ପାଇଁ ଏହି ବୈଠକରେ ଦାବୀ କରି ପ୍ରସ୍ତାବ ଗୃହିତ ହୋଇଛି। ଅନ୍ୟ ପକ୍ଷରେ ଲକ ଡାଉନ୍ ଏକ ସ୍ଥାୟୀ ସମାଧାନ ନୁହେଁ। ଲକ୍ ଡାଉନ ପରେ ସମସ୍ତ ଶ୍ରମିକ କର୍ମଚାରୀ ବିଶେଷ ଭାବରେ ଦେଶ ବାହାରୁ ଓ ବିଭିନ୍ନ ପ୍ରଦେଶରୁ ନିଜ ଘରକୁ ଫେରୁଥିବା ସମସ୍ତ ପ୍ରବାସୀ ଶ୍ରମିକମାନଙ୍କୁ କରୋନା ଟେଷ୍ଟିଙ୍ଗ କରାଯିବା ପାଇଁ ଦାବୀ କରାଯାଇଛି। ଲକ୍ ଡାଉନ ପରେ କାର୍ଯ୍ୟ ଆରମ୍ଭ ହେବା ସମୟରେ ଶାରୀରିକ ଦୁରତ୍ୱ ମେଂଟନ୍ କରିବା, ମାକ୍ସ, ଜୋତା, ଗ୍ଲୋବସ୍ ଓ ସମସ୍ତ ବ୍ୟକ୍ତିଗତ ପୋଷାକ ଦେବା ପାଇଁ ମାଲିକ ମାନଙ୍କୁ କଡା ନିର୍ଦ୍ଦେଶ ଦେବା ପାଇଁ ଦାବୀ କରାଯାଇଛି। ପ୍ରବାସୀ ଶ୍ରମିକମାନେ ଦେଶ ପାଇଁ ବୈଦେଶିକ ମୁଦ୍ରା ଅର୍ଜନ କରୁଛନ୍ତି। ଆମ ଦେଶରୁ ପ୍ରାୟ ଅଢ଼େଇ କୋଟି ଲୋକ ଦେଶ ବାହାରେ କାମ କରୁଛନ୍ତି। ଭାରତ ବର୍ଷକୁ ୭୮ ବିଲିୟନ, ଆମେରିକା ଡଲାର, ରେମିକାଂଟ ପାଉଛି। ସେହିପରି ନେପାଳ, ବାଙ୍ଗାଲାଦେଶ, ଶ୍ରୀଲଙ୍କା, ପାକିସ୍ଥାନ ମଧ୍ୟ ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ବୈଦେଶିକ ମୁଦ୍ରା ଅର୍ଜନ କରୁଛନ୍ତି। ଆମ ଭାରତରେ ବିଭିନ୍ନ ପ୍ରଦେଶରେ ନିଯୁକ୍ତ ପ୍ରାୟ ସାଢ଼େ ୪ କୋଟିରୁ ଅଧିକ ପ୍ରବାସୀ ଶ୍ରମିକ, ସାଢ଼େ ୩ କୋଟିରୁ ଅଧିକ ନିର୍ମାଣ ଶ୍ରମିକ ଓ ୧୪ କୋଟିରୁ ଅଧିକ ରେଷ୍ଟିଭୁକ୍ତ ନରେଗା ଶ୍ରମିକ ଅଛନ୍ତି। ଏତଦ୍ ବ୍ୟତିତ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ, ଟ୍ୟାକ୍ସି ଡ୍ରାଇଭର, ଅଟୋ ଡ୍ରାଇଭର, ଭେଣ୍ଡର, ଘରୋଇ ଶ୍ରମିକ, ଦୈନିକ ମଜୁରିଆ ଏହି ଲକ ଡାଉନ ଫଳରେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଏବଂ ଏହି ସମସ୍ୟା ଆଗାମୀ ଜୁଲାଇ ମାସ ପର୍ଯ୍ୟନ୍ତ ରହିବାର ଆଶଙ୍କା ଅଛି ଓ ଶ୍ରମିକ କର୍ମଚାରୀମାନଙ୍କ ପାଇଁ ଦିଆଯାଇଥିବା ସାହାଯ୍ୟ ଯଥେଷ୍ଟ ନୁହେଁ। ସେଥିପାଇଁ ଏକ ଅର୍ଥନୈତିକ ପ୍ୟାକେଜ୍ ଦେବା ଆବଶ୍ୟକ। ଓଡ଼ିଶାରେ ଏବଂ ଦିଲ୍ଲୀରେ ନିର୍ମାଣ ଶ୍ରମିକ ୱେଲଫେଆର ବୋର୍ଡ଼, ରେଷ୍ଟିଭୁକ୍ତ ସମସ୍ତ ଶ୍ରମିକମାନଙ୍କୁ ଆର୍ଥିକ ସାହାଯ୍ୟ ଦିଆଯାଇନାହିଁ। ଓଡ଼ିଶାରେ ୨୯ ଲକ୍ଷ ରେଷ୍ଟିଭୁକ୍ତ ଥିଲେ ମଧ୍ୟ ୭ ଲକ୍ଷ ଶ୍ରମିକଙ୍କୁ ଏହି ସାହାଯ୍ୟରୁ ବଂଚିତ କରାଯାଇଛି। ଶ୍ରମିକମାନେ ରେନ୍ୟୁ କରିବା ପାଇଁ ଦରଖାସ୍ତ କରୁଥିଲେ ମଧ ତାଙ୍କର ନବିକରଣ ହୋଇନଥିବା ଦର୍ଶାଇ ତାଙ୍କୁ ଅର୍ଥନୈତିକ ସାହାଯ୍ୟରୁ ବଂଚିତ କରାଯାଇଅଛି। ତେଣୁ ସମସ୍ତ ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସାହାଯ୍ୟ ଦେବା ପାଇଁ ଡଃ ରାମଚନ୍ଦ୍ର ଖୁଂଟିଆ ଦାବୀ କରିଛନ୍ତି। ଆନ୍ତର୍ଜାତିକ ନିର୍ମାଣ ମହାସଂଘ ତରଫରୁ ଅନୁଷ୍ଠିତ ଏହି ଭିଡ଼ିଓ କନଫରେନ୍ସକୁ ଡଃ ରାଜୀବ ଶର୍ମା, ଶ୍ରୀମତୀ ପ୍ରେରଣା ପ୍ରସାଦ ସଂଯୋଜନା କରିଥିଲେ। ଭାରତ, ବାଙ୍ଗାଲାଦେଶ, ନେପାଳ ଓ ଶ୍ରୀଲାଙ୍କ ଦେଶର ପ୍ରାୟ ୩୦ ଜଣ ଶ୍ରମିକ ନେତା ଏହି ଭିଡ଼ିଓ କନ୍‌ଫରେନ୍ସରେ ଭାଗ ନେଇଥିଲେ।

# ଆମେ ପୁଣି ହସିବା !!



## ଚାଷ କ୍ଷେତରୁ ଚିଠି - ୫୩

**ଡି. ଶୁଭମ**

ଏବେ ଯେଉଁଆଡ଼େ ଟିକେ ଆଖି ବୁଲେଇଲେ କେବଳ କରୋନାର ଚିତ୍ର। ସବୁ ଠିକ୍ ଠାକ୍ ଥିଲା। ହଠାତ ଆସି ମୃତ୍ୟୁର ମାୟାଜାଲ ରଚି ସମସ୍ତଙ୍କ ମନରେ ଏକ ଅଭୁତପୂର୍ବ ଭୟ ସଂଚାର କରିଛି କରୋନା। କିଛି ମାସ ପୂର୍ବକୁ ଲକ୍ଷ୍ୟ କଲେ ଦୁନିଆ ଏକରକମର ବ୍ୟବସ୍ଥିତ ଢ଼ଙ୍ଗରେ ଚାଲୁଥିଲା। ଚାଷୀ ଚାଷ ଜମିରେ ସୁନା ଫଳେଇବା ଆଶାରେ ମାତିଥିଲା। ଅନେକ ଛାତ୍ରଛାତ୍ରୀ ନିଜ ଫାଇନାଲ ସେମିଷ୍ଟାର ଦେଇ ସ୍ନାତକର ଶେଷ ମୁହୂର୍ତ୍ତକୁ ବେଶ ଖୁସିରେ ମନେଇବାକୁ ଭାବିଥିଲେ। କିନ୍ତୁ ସବୁ କିଛି ଆଶାରେ ମଉଳିଗଲା। କରୋନାର କାୟାରେ ସବୁ କବଳିତ ହୋଇଗଲେ। କିଛି ସମୟ ମଧ୍ୟରେ ସାରା ଭାରତରେ ବି ନିଜ ପରାକାଷ୍ଠା ଦେଖେଇଦେଲା ଏ ମହାମାରୀ। ସୁତାରଂ ଦେଶବାସୀଙ୍କୁ ଏପରି ଏକ ବଡ଼ ବିପତ୍ତିରୁ ରକ୍ଷା କରିବା ପାଇଁ ସରକାର ଲକଡ଼ାଉନ ଘୋଷଣା କଲେ। ସମ୍ପୂର୍ଣ୍ଣ ଦେଶ ଏକ ତାଲାବନ୍ଦ ଅବସ୍ଥାରେ ଏବେ ବି ଅଛି। ଲୋକେ ଘରେ ଦିନ କାଟିବା ବ୍ୟତୀତ ଆଉ କିଛି ଉପାୟ ନାହିଁ। ସରକାରଙ୍କ ଗାଇଡ଼ଲାଇନକୁ ପାଳନ କରିବାଟା ଥୟ। ଏହି ସମୟରେ ସରକାରଙ୍କ ନିର୍ଦ୍ଦେଶନାମାକୁ ଅନୁସରଣ ଓ ଅନୁକରଣକୁ ଗୁରୁତ୍ୱ ଦେବା ଆବଶ୍ୟକ। କାରଣ ଏ ମହାମାରୀ କେତେ ଦିନର ଅବଧି ତାର କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ। ଅନ୍ୟ ପକ୍ଷରେ ଏହା ଯେଉଁପରି ଭାବେ ତାଣ୍ଡବ ରଚି ଚାଲିଛି , ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ସେ ଯାହା ହେଉ ନା କାହିଁକି ଆମେ ଯଦି ଚାଷୀକୁଳ କଥା ଚିନ୍ତା କରିବା , କରୋନା ଏ କ୍ଷେତ୍ରରେ ବି ବିଶେଷ ପ୍ରଭାବିତ କରିଛି।

ଶେଷ ବର୍ଷର ସ୍ନାତକ ସମୟରେ କୃଷି ଭିତ୍ତିକ ଗ୍ରାମାଂଚଳ ଅଭିଜ୍ଞତା କାର୍ଯ୍ୟକ୍ରମରେ ମୁଁ ବି ଗତ ତିନି ମାସ ହେବ ସବୁଦିନ ଚାଷ କ୍ଷେତକୁ ଯାଇ ଚାଷୀମାନଙ୍କ ସହ ଅନେକ ସମୟ ବିତେଉଛି। ଗଜପତି ଜିଲ୍ଲାରେ ଏବେ ଆର.ଏନ.ଆର ଧାନର ବେଶ ଚାହିଦା। ଆମ ଉତ୍ତର ଓଡ଼ିଶାର କିଛି ଚାଷୀମାନେ ସିନା କେବଳ ଖରିଫ ଋତୁରେ ଧାନ ଚାଷ କରନ୍ତି , କିନ୍ତୁ ଏ ଆର.ଏନ.ଆର କିସମ ଉଭୟ ଖରିଫ ଓ ରବିରେ ଚାଷ ହୋଇପାରୁଥିବା କିସମ। ବେଶ ନାଁ ଏହାର। କେହି କେହି ଏହାକୁ ତେଲେଙ୍ଗାନା ସୁନା ବି କହନ୍ତି। ପାଖାପାଖି ୩୫ ଜଣ ଚାଷୀଙ୍କୁ ପରଖେଇବାକୁ ଆମେ ସବୁଦିନ ପାଂଚଟି ଗାଁକୁ ଯାଉ। ସେତେବେଳେ ନା ଥିଲା କରୋନା ନା ମନରେ ଡ଼ର। ହଠାତ ସରକାର ସବୁକିଛି ଲକଡ଼ାଉନ କରିବା ସହ ଶିକ୍ଷାନୁଷ୍ଠାନକୁ ବନ୍ଦ କରିବା ଫଳରେ ଆମେ ବି ଏବେ ଘରେ। ପ୍ରଥମାର୍ଦ୍ଧ ଲକଡ଼ାଉନ ସମୟରେ ଚାଷ କାର୍ଯ୍ୟରେ ଦେଖାଯାଇଥିଲା ଅନେକ ସମସ୍ୟା। ଯାହାର ଅଧିକ ଏକର ଜମି ଥିଲା , ସେ ତ ସବୁକିଛି ଏକା କରିପାରିବନି। କାରଣ ଚାଷ ତ ଜଣିକିଆ କାମ ନୁହେଁ। ତଳି ପକାଇବା ଠାରୁ ଆରମ୍ଭ କରି ରୁଆ ଯାଏଁ ଯାହା ବିହେଲେ କ୍ଷେତରେ ତିନି ଚାରି ଜଣ ଲୋକ ଦରକାର। କିଏ କିଏ ମଜୁରୀ ଦେଇ ବି ରୁଆ କରନ୍ତି। କିନ୍ତୁ ଏ ଲକଡ଼ାଉନ ଏକ ପ୍ରକାର ଏହାକୁ ଠପ୍ କରିଦେଲା ପ୍ରଥମାବସ୍ଥାରେ। ନା କିଏ କୁଆଡ଼େ ଯାଇପାରିଲେ ନା କାମଦାମ କିଛି କରିପାରିଲେ। କାନମୁଣ୍ଡା ଆଉଁସି ଘରେ ବସିବାଟାକୁ ସାର ଭାବିଲେ ସଭିଏଁ। କେବଳ ଧାନ କାହିଁକି ରବି ଋତୁରେ ଯେଉଁମାନେ ଜମିରେ ମୁଗ , ବିରି ବୁଣିଥିଲେ ସେସବୁ ଅମଳ କରିବାର ସମୟ ଏଇ ମାର୍ଚ୍ଚ ଶେଷ ଆଡ଼କୁ। କାରଣ ମୁଗ ବିରି ପ୍ରାୟତଃ ତିନିମାସିଆ ଫସଲ। ତେବେ ଏକର ଏକର ମୁଗ ଚାଷ କରିଥିବା ଜମିରେ ଜଣେ ଲୋକ ଯାଇ ମୁଗ କି ବିରି ତୋଳି ଆଣିବା ଏକ କଷ୍ଟକର ବ୍ୟାପାର। ଏଥିପାଇଁ ଶ୍ରମିକ ଆବଶ୍ୟକ। କିନ୍ତୁ ଏପରି ସ୍ଥିତିରେ ମୁଗ , ବିରି ଜମିରେ ପଡ଼ିରହି ପାଚିଗଲାଣି। ସରକାର କୋହଳ କରିଛନ୍ତି ସତ କିନ୍ତୁ ପ୍ରଥମରୁ ଯେଉଁ କ୍ଷତି ହୋଇଯାଇଛି ସେସବୁର ଆକଳନ କରିବା ବି ଆବଶ୍ୟକ। କାରଣ ଚାଷୀ ଖଟିଲେ ଖାଏ। ଯେଉଁ ମୁଗ , ବିରି ଏବେ ନଷ୍ଟ ହୋଇଗଲା ସେଥିରୁ ଦି ପଇସା କରି ଚଳିଥାନ୍ତେ। ଆଜି ସେସବୁ ବି ପାଣି ଫୋଟକା।

ଅନ୍ୟ ପକ୍ଷରେ ପାନ ବରଜ ଚାଷୀ ଆଉ ଛତୁ ଚାଷୀଙ୍କ କଥା ବିଚାର କରାଗଲେ ବି କଥା ସମାନ ପ୍ରାୟ। ପାନ ଦୋକନ ବନ୍ଦ। ତା ସହ ବଜାରରେ ପାନ ନେବାକୁ ବି ଅଧା ବେପାରୀ ମଙ୍ଗୁନାହାନ୍ତି। ବରଜରେ ପାନ ପଡ଼ି ପଡ଼ି ନଷ୍ଟ ହେବାକୁ ବସିଲାଣି। ଯେଉଁ ବରଜରୁ ଦିନେ ଚାଷୀ କିଛି ଟଙ୍କା ଉପାର୍ଜନ କରିବାର ସ୍ୱପ୍ନ ଦେଖିଥିଲା ଆଜି ସେସବୁକୁ ଭୁଲି ଯିବାକୁ ବସିଲାଣି। ଅଡ଼୍ୟପଟେ ଗାଁ ମାନଙ୍କରେ ଅଧିକାଂଶ ମହିଳା ଆଉ ପୁରୁଷ ଛତୁ ଚାଷକୁ ପ୍ରାଧାନ୍ୟ ଦେଇଥାନ୍ତି। ପ୍ରଥମତଃ ଏହା ଏକ ଉଦ୍ୟୋଗୀକରଣର ନୂତନ ସମ୍ଭାବନା। ଦ୍ୱିତୀୟରେ ଛତୁ ଚାଷ ପାଇଁ ଗାଁ ପରିବେଶ ବେଶ ସହାୟକ। ଏବେ ଲକଡ଼ାଉନ ପରିସ୍ଥିତିରେ ଏ ଛତୁଚାଷୀ ନିଜ ଛତୁକୁ ବିକ୍ରି କରିବାକୁ ବାଟ ପାଉନାହାନ୍ତି। ଯେଉଁମାନଙ୍କ ଘର ବଜାର ପାଖଆଖ ଅଂଚଳର ସେମାନେ ଆସି ବିକ୍ରି କରିପାରୁଛନ୍ତି। ହେଲେ ଏ ଗାଁ ଛତୁ ଚାଷୀଙ୍କ କଥା ବୁଝିବ କିଏ? ଅନେକାଂଶରେ ଏବେ ଏହି ଅବସ୍ଥା ଚାଷୀର ମେରୁଦଣ୍ଡ ଭାଙ୍ଗିବାକୁ ବସିଲାଣି। ସରକାର ଚାଷୀଙ୍କ ପାଇ: ନିୟମ କୋହଳ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଲକଡ଼ାଉନରେ ଅନେକାଂଶରେ କୋହଳ ହୋଇଛି। ଚାଷକାମକୁ ଅନୁମତି ମିଳିଛି। ସାମଜିକ ଦୂରତା ବଜାୟ ରଖି ଚାଷ କାମ କରିବାକୁ ନିର୍ଦ୍ଦେଶନାମା ବି ହୋଇଛି। କୃଷିଜାତଦ୍ରବ୍ୟ ବିକ୍ରି ପାଇଁ ବି କଟକଣା କୋହଳ କରାଯାଇଛି। ଆଉ ଏକ ଖୁସିଖବର ଯେ ଭାରତୀୟ ପାଣିପାଗ ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି ଯେ ଏଥର ବୃଷ୍ଟିପାତ ଠିକ ଅନୁପାତରେ ହେବ।

ସମୟ ସବୁବେଳେ ସମାନ ନଥାଏ। ଏକଥା ସତ। କିନ୍ତୁ ମନ ଭିତରେ ଥିବା ଆଶା ଥରେ ମଉଳିଗଲେ ସେ ପୁଣି ଜାଗି ଉଠିବା ଟିକେ କଷ୍ଟ। ତଥାପି ଓଡ଼ିଶା – ଏକ ଉଦ୍ଦୀପନାର ରାଜ୍ୟ। ସମ୍ଭାବନାକୁ ବାସ୍ତବତାରେ ପରିଣତ କରୁଥିବାର ରାଜ୍ୟ। ଆମ ଚାଷୀ ଡ଼ରିବା ଶିଖିନାହାନ୍ତି। ଆମ ରାଜ୍ୟର ଚାଷୀ ଉନ୍ନତ ଜ୍ଞାନକୌଶଳରେ ଭରପୁର। ଶ୍ୟାମଳ ଜମିରୁ ସୁନା ଫଳେଇବାରେ ମାହିର ଆମ ଚାଷୀ। ଅନେକ ବିପର୍ଯ୍ୟୟ ଦେଇ ଗତି କରିଥିଲେ ବି ପୁଣି ଅଣ୍ଟା ସଳଖି ଠିଆ ହୋଇଛନ୍ତି ଆମ ରାଜ୍ୟର ଚାଷୀ। ଆମ ଆରାଧ୍ୟ ଦେବତା ମହାପ୍ରଭୁ ଜଗନ୍ନାଥ। ମହାବାହୁ ନିଶ୍ଚୟ ଆମକୁ ରକ୍ଷା କରିବେ। ଏ ମହାମାରୀର ବିଲୋପ ଘଟିବ। ଓଡ଼ିଶା ପୁଣି କୃଷି କ୍ଷେତ୍ରରେ ଆଗୁଆ ହେବ।

**ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ**
**ବାସୁଦେବପୁର**
**ଭଦ୍ରକ ,**
ମୋ – ୯୪୩୮୪୬୭୦୭୯

# ଧାମରା ବନ୍ଦର ଆଗରେ ଅହେତୁକ ଭିଡ, ସାମାଜିକ ଦୂରତାକୁ ଫୁ
## ବନ୍ଦରରେ କରୋନାକୁ ନେଇ ଚର୍ଚ୍ଚା ଜୋର ଧରିଛି

ଭଦ୍ରକ, **(ପିଏନ)-** ଧାମରା ବନ୍ଦର ଆଗରେ ସାମିଜିକ ଦୂରତାକୁ ନେଇ ପ୍ରଶ୍ନବାଚୀ ହୋଇବ ପଡିଛି ।ସାରା ବିଶ୍ୱରେ କରୋନାକୁ ନେଇ ଚର୍ଚା ଚାଲିଥିବା ବେଳେ ଧାମରା ବନ୍ଦର ପ୍ରଶାସନ ଏହାକୁ ଫୁ କରି ଦେଇଛି। ଆଜି ସକାଳ ସମୟରେ ଧାମରା ବନ୍ଦର ସମ୍ମୁଖ ଫାଟକ ଆଗରେ ବନ୍ଦର କର୍ମଚାରୀ ଏବଂ ଅନ୍ୟ ଶ୍ରମିକ ମାନେ ନାହିଁ ନଥିବା ଭିଡ ଜମାଇଥିଲେ। ରାଜ୍ୟର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଧାମରା ବନ୍ଦରରେ ଏହି ଅହେତୁକ ଭିଡକୁ ଦେଖି କର୍ମଚାରୀ ମାନେ ନିଜ ନିଜ ମଧ୍ୟରେ ଛାନିଆ ହୋଇ ପଡିଛନ୍ତି କିପରି ଏହି କରୋନା ରୋଗରୁ ନିଜେ ସଚେତନ ହୋଇ ପାରିବେ ସେ ନେଇ ମଧ୍ୟ ନିଜ ମଧ୍ୟରେ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା।

କରୋନା ସମୟରେ ଏହି ସାମାଜିକ ଦୂରତା କୁ ବଜାଇ ରଖିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ଜିଲ୍ଲା ପ୍ରଶାସନ ବନ୍ଦର କର୍ତ୍ତୁପକ୍ଷଙ୍କୁ ତାଗିଦ କରିଥିବା ବେଳେ ଏହି ସାମାଜିକ ଦୂରତା କଣ ତାହା ବନ୍ଦର କର୍ତ୍ତୁପକ୍ଷଙ୍କ ପାଇଁ ଅହେତୁକ ପ୍ରଶ୍ନ ହୋଇ ପଡିଛି। ଏ ବିଷୟରେ ଧାମରା ଠାରେ ଅବସ୍ଥାପିତ ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁଙ୍କ ସହ ଯୋଗାଯୋଗ କରିବାରୁ ସେ ପୁଲିସ ପ୍ରଶାସନ ସାହାଯ୍ୟ ନେଇ ଗତକାଲି ଧାମରା ବନ୍ଦରର ୩ଜଣ କର୍ମଚାରୀ ଭଦ୍ରକ ଜିଲ୍ଲାର ଜଣେ କରୋନା ପୋଜିଟିଭ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବାରୁ ସେମାନଙ୍କୁ ଦୋସିଙ୍ଗା କ୍ୱାରେଣ୍ଟାଇନ କେନ୍ଦ୍ରରେ ରହିଥିବା ବେଳେ ବନ୍ଦର ପ୍ରଶାସନ କି ଭଳି ଏହି ସାମାଜିକ ଦୂରତା ବଜାଇ ରଖୁ ନାହିଁ ତାହା ପ୍ରଶ୍ନବାଚୀ ହୋଇ ପଡିଛି ବୋଲି ମତ ରଖିଥିଲେ। ଆଗାମୀ ଦିନରେ ବନ୍ଦର ପ୍ରଶାସନର ଏହି ବିଚିତ୍ରନୀତି ପ୍ରତି ଭଦ୍ରକ ଜିଲ୍ଲାପାଳ ତଥା ରାଜ୍ୟ ପ୍ରଶାସନ ସଜାଗ ରହିବା ଜରୁରୀ ବୋଲି ଅଂଚଳର ବୁଦ୍ଧିଜିବୀ ଦାବୀ ଜଣାଇଛନ୍ତି।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray